## ଅଭିଯୁକ୍ତର ହାଜିରା ସମୟ ପୂର୍ବରୁ ଏନ୍‌ବିଡବ୍ଲୁ ବେଆଇନ: ହାଇକୋର୍ଟ

କଟକ,୨୯।୧(ସମିସ): ଯେତେବେଳେ ଜଣେ ଅଭିଯୁକ୍ତଙ୍କୁ ହାଜର ହେବା ପାଇଁ ସମୟ ଦିଆଯାଇଛି, ତାହା ପୂର୍ବରୁ ଜାମିନ ବିହୀନ ଗିରଫ ପରୱାନା (ଏନବିଡବ୍ଲୁ) ଜାରି କରିବା ବେଆଇନ। ଯେତେବେଳେ ସାଧାରଣ ୱାରେଣ୍ଟରେ ଅଭିଯୁକ୍ତ ହାଜର ହୁଏ ନାହିଁ ସେତେବେଳେ ଏନବିଡବ୍ଲୁକୁ ଶେଷ ବିକଳ୍ପ ଭାବେ ବ୍ୟବହାର କରାଯିବା ଉଚିତ ବୋଲି କହିଛନ୍ତି ହାଇକୋର୍ଟ। ଶ୍ରୀନିବାସଚାରୀ କେ.ଆରଙ୍କ ତରଫରୁ ରୁଜୁ ଜାମିନ ଆବେଦନର ଶୁଣାଣି କରି ଜଷ୍ଟିସ ଗୌରୀଶଙ୍କର ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ମାମଲାରୁ ପ୍ରକାଶ ଯେ ଆବେଦନକାରୀ ଅଭିଯୁକ୍ତ ବିରୋଧରେ ଭୁବନ ଥାନାରେ ଜଣେ ବ୍ୟକ୍ତିଙ୍କୁ ଡିଜିଟାଲ ଆରେଷ୍ଟର ଭୟ ଦେଖାଇ ୬୩ ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଥିଲା। ମାମଲାର ତଦନ୍ତ ସମୟରେ ପୁଲିସ ଅଭିଯୁକ୍ତଙ୍କୁ ବିଏନଏସଏସର ଧାରା ୩୫ଅନୁଯାୟୀ ଏକ ନୋଟିସ ଜାରି କରାଯାଇ ତାହା ୨୦୨୫ ସେପ୍ଟେମ୍ବର ୧ ତାରିଖରେ ଥାନାରେ ହାଜର ହେବାକୁ କୁହାଯାଇଥିଲା। ଅଭିଯୁକ୍ତ ଏହି ନୋଟିସକୁ ୨୦୨୫ ଅଗଷ୍ଟ୨୩ରେ ଗ୍ରହଣ କରିଥିଲେ। ମାତ୍ର ଆଶ୍ଚର୍ଯ୍ୟଜନକ ଭାବେ ନିର୍ଦ୍ଧାରିତ ସମୟ (ସେପ୍ଟେମ୍ବର ୧) ପର୍ଯ୍ୟନ୍ତ ଅପେକ୍ଷା ନକରି ତଦନ୍ତକାରୀ ଅଧିକାରୀ ଗତ ୨୦୨୫ ଅଗଷ୍ଟ ୨୪ରେ ହିଁ ଭୁବନ ଜେଏମ୍‌ଏଫ୍‌ସି ଅଦାଲତରେ ଅଭିଯୁକ୍ତ ବିରୋଧରେ ଏନବିଡବ୍ଲୁ ପାଇଁ ଆବେଦନ କରିଥିଲେ। ଅଦାଲତଙ୍କ ପକ୍ଷରୁ ଏନବିଡବ୍ଲୁ ଜାରି ହୋଇଥିଲା। ଏଭଳି ସ୍ଥିତିରେ ଆବେଦନକାରୀ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତେବେ ହାଇକୋର୍ଟ ତାଙ୍କୁ ୨ଲକ୍ଷ ଟଙ୍କା ଓ ୨ଜଣ ଜାମିନଦାରଙ୍କ ବଦଳରେ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି।

## ଦୁର୍ଘଟଣାରେ ମ୍ୟୁଜିକ୍ ପାର୍ଟି ମାଲିକ ମୃତ, ଜଣେ ଗୁରୁତର

ଟାଙ୍ଗୀ,୨୯।୧(ସମିସ): ଘନ କୁହୁଡ଼ି ଯୋଗୁଁ ଗୁରୁବାର ଭୋର ସମୟରେ ୧୬ ନଂ ଜାତୀୟ ରାଜପଥ ଟାଙ୍ଗୀ ଥାନା ଚଟିଲୋ ଗଡ଼ା ନିକଟରେ ସଡ଼କ ଦୁର୍ଘଟଣା ଘଟି ଜଣେ ମ୍ୟୁଜିକ ପାର୍ଟି ମାଲିକଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟଜଣେ ଗୁରୁତର ହୋଇ ଚିକିତ୍ସା ନିମନ୍ତେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ମୃତକ ଜଣକ ଚୌଦ୍ୱାର ଅଞ୍ଚଳରେ ରହୁଥିବା ବ୍ରହ୍ମପୁର (ଗଞ୍ଜାମ)ର ଶିବମ୍ ବେହେରା ଓ ଆହତ ଜଣକ ଜଗତସିଂହପୁର ଅଞ୍ଚଳର ଜଗନ ବେହେରା ବୋଲି ଜାଣିବାକୁ ମିଳିଛି। ଶିବମ୍ ଜ୍ୟୋତି ମ୍ୟୁଜିକାଲ ନାମରେ ଏକ ପାର୍ଟି ଗଠନ କରି ଉଡ଼ା ସୂତ୍ରରେ ବିଭିନ୍ନ କାର୍ଯ୍ୟକ୍ରମରେ ଭାଗ ନେଉଥିଲେ। ଯାଜପୁର ଜିଲ୍ଲା ଛତିଆ ଅଞ୍ଚଳର ଏକ କାର୍ଯ୍ୟକ୍ରମରେ ଭାଗନେଇ ଶିବମ୍ ଓ ଜଗନ ସ୍କୁଟି ଯୋଗେ ଚୌଦ୍ୱାର ଫେରୁଥିଲେ। ଚଟିଲୋଗଡ଼ା ନିକଟରେ ଏକ ଅଜଣାଗାଡ଼ି ପଛରୁ ଧକ୍କାଦେଇ ଫେରାର ହୋଇଯାଇଥିଲା। ଘଟଣାସ୍ଥଳରେ ଶିବମଙ୍କ ମୃତ୍ୟୁ ହୋଇଥିବାବେଳେ ଜଗନ ଗୁରୁତର ହୋଇଥିଲେ। ରାଜପଥ ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ମୃତାହତଙ୍କୁ ଆମ୍ବୁଲାନ୍ସ ଯୋଗେ କଟକ ବଡ଼ ଡାକ୍ତରଖାନା ପଠାଇବା ସହ ଟ୍ରାଫିକ୍ ନିୟନ୍ତ୍ରଣ କରିଥିଲେ। ଟାଙ୍ଗୀ ପୁଲିସ ଦୁର୍ଘଟଣାଗ୍ରସ୍ତ ସ୍କୁଟି ଜବତ ସହ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ଆଇଆଇସି ଓ. ବିକାଶ ସେଠୀ ସୂଚନା ଦେଇଛନ୍ତି।

## ଯବାନ ସୀତାକାନ୍ତଙ୍କୁ ଅଶ୍ରୁଳ ବିଦାୟ

### ● ରାଷ୍ଟ୍ରୀୟ ମର୍ଯ୍ୟାଦା ଓ ତୋପ ସଲାମୀ ସହ ଶେଷକୃତ୍ୟ ସମ୍ପନ୍ନ

ମାହାଙ୍ଗା/ଭଦ୍ରେଶ୍ୱର,୨୯।୧(ସମିସ): ସୀମା ସୁରକ୍ଷା ବାହିନୀର ଜଣେ ନିଷ୍ଠାପର ସୈନିକ ସୀତାକାନ୍ତ ଦାସଙ୍କ ଅକାଳ ବିୟୋଗରେ ସମଗ୍ର ମାହାଙ୍ଗା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପଶ୍ଚିମବଙ୍ଗର ସିଲିଗୁଡ଼ି ଅଞ୍ଚଳରେ କାର୍ଯ୍ୟରତ ଏହି ବୀର ଯବାନ ନିଜ ଜନ୍ମମାଟିକୁ ଛୁଟିରେ ଆସିଥିବା ବେଳେ ହଠାତ୍ ହୃଦଘାତର ଶିକାର ହୋଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ବଡ଼ଚଣା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମାହାଙ୍ଗା ବ୍ଲକ ମୂଳବସନ୍ତ ପଞ୍ଚାୟତ ଗୁଣ୍ଡପୁର ଗ୍ରାମର ସୀତାକାନ୍ତ ସୀମା ସୁରକ୍ଷା ବାହିନୀରେ ଜଣେ ସାହସୀ ଯବାନ ଭାବେ ବେଶ୍ ପରିଚିତ ଥିଲେ। ଯବାନଙ୍କ ମରଦେହକୁ ତ୍ରିରଙ୍ଗା ପତାକାରେ ଆଚ୍ଛାଦିତ କରାଯାଇ ଏକ ବିଶାଳ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା। ପରେ ବିରୂପା ନଦୀ କୂଳରେ ଅବସ୍ଥିତ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସେନା ବାହିନୀ ପକ୍ଷରୁ ତାଙ୍କୁ "ଗାର୍ଡ ଅଫ୍ ଅନର' ପ୍ରଦାନ କରାଯିବା ସହ ପରମ୍ପରା ଅନୁଯାୟୀ ତୋପ ସଲାମୀ ଦିଆଯାଇଥିଲା। ଏହି ଅନ୍ତିମ ଯାତ୍ରାରେ ମାହାଙ୍ଗା ଓ ବଡ଼ଚଣା ନିର୍ବାଚନ ମଣ୍ଡଳୀର ହଜାର ହଜାର ଜନସାଧାରଣ, ବହୁ ବିଶିଷ୍ଟ ବ୍ୟକ୍ତି ଓ ବୁଦ୍ଧିଜୀବୀ ସାମିଲ ହୋଇ ବୀର ଯବାନଙ୍କୁ ଶେଷ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



## ମକା କ୍ଷେତ ନଷ୍ଟ କଲେ ହାତୀ

ତିଗିରିଆ,୨୯।୧(ସମିସ): ତିଗିରିଆ ବ୍ଲକ ଅଚଳକୋଟ ପଞ୍ଚାୟତ ଅଧୀନ ଅଚଳକୋଟ ଗ୍ରାମର ଶ୍ରୀନିବାସ ନାୟକଙ୍କ ମକା ଫସଲକୁ ବୁଧବାର ରାତିରେ ଦୁଇଟି ହାତୀ ନଷ୍ଟ କରିଦେଇଥିବା ଜଣାପଡିଛି। ଶ୍ରୀ ନାୟକ ଗ୍ରାମର ଚାରି ଛକ ନିକଟରେ ଥିବା ଆଦର୍ଶ ବିଦ୍ୟାଳୟ ପାଖରେ ହଜାର ହଜାର ଟଙ୍କା ଖର୍ଚ୍ଚ କରି ୧୦ ଗୁଣ୍ଠରୁ ଊର୍ଦ୍ଧ୍ୱ ଜମିରେ ମକା ଚାଷ କରିଥିଲେ। ବୁଧବାର ରାତିରେ ଦୁଇଟି ହାତୀ ଶ୍ରୀ ନାୟକଙ୍କର ପ୍ରାୟ ୪ ଗୁଣ୍ଠ ଜମିର ମକା ଚାଷ ନଷ୍ଟ କରିଦେଇଥିବା ଜଣାପଡିଛି। ନଷ୍ଟ ହୋଇଥିବା ମକା ଫସଲର ମୂଲ୍ୟ ୧୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଶ୍ରୀ ନାୟକ ପ୍ରକାଶ କରିଛନ୍ତି। ସ୍ଥାନୀୟ ବନ ବିଭାଗ ପକ୍ଷରୁ ରାତ୍ର ପାଟ୍ରୋଲିଂ କରାଯାଉ ନ ଥିବାରୁ ଅନେକ ସମୟରେ ବନ୍ୟ ଜୀବଜନ୍ତୁ ସ୍ଥାନୀୟ ଅଞ୍ଚଳ ବାସିନ୍ଦାଙ୍କ ହଜାର ହଜାର ଟଙ୍କାର ଫସଲ ନଷ୍ଟ କରୁଛନ୍ତି। ତେଣୁ ବନ ବିଭାଗ ପକ୍ଷରୁ ପାଟ୍ରୋଲିଂ କଡାକଡି କରିବା ପାଇଁ ଅଞ୍ଚଳବାସିନ୍ଦା ଦାବି କରିଛନ୍ତି।

### ବେଆଇନ ଖଣିଜ ପରିବହନ ଓ ବେପରୁଆ ଗାଡ଼ି ଚାଳନାକୁ ବିରୋଧ

# ଶତାଧିକ ହାଇୱାକୁ ଅଟକ ରଖିଲା ବ୍ୟବସାୟୀ ସଂଘ

ତିଗିରିଆ,୨୯।୧(ସମିସ)



କଟକ ଜିଲ୍ଲା ତିଗିରିଆ ତହସିଲ ଅଧୀନସ୍ଥ ଭେଜିଆ ସଂରକ୍ଷିତ ଜଙ୍ଗଲରୁ ଚାଲିଥିବା ବେଆଇନ ଖଣି ଖନନ ଓ ଖଣିଜ ସାମଗ୍ରୀ ପରିବହନକୁ ନେଇ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଗୁରୁବାର ସନ୍ଧ୍ୟାରେ ତିଗିରିଆ ବ୍ୟବସାୟୀ ସଂଘ ପକ୍ଷରୁ ଶତାଧିକ ମାଲବାହୀ ହାଇୱାକୁ ଅଟକ ରଖାଯାଇଛି। ଫଳରେ ଖୁଣ୍ଟୁଣୀ-ନରସିଂହପୁର ୬୫ ନମ୍ବର ରାଜ୍ୟ ରାଜପଥରେ ଦୀର୍ଘ ସମୟ ଧରି ଯାନବାହନ ଚଳାଚଳ ବ୍ୟାହତ ହେବା ସହ ହଜାର ହଜାର ପଥଚାରୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଅଭିଯୋଗ ଅନୁସାରେ, ଦୈନିକ ଶତାଧିକ ହାଇୱା ଏହି ରାସ୍ତା ଦେଇ ବେପରୁଆ ଭାବେ ଚଳାଚଳ କରୁଛନ୍ତି। ଓଭରଲୋଡିଂ ଯୋଗୁଁ ଗାଡ଼ିରୁ ଖଣିଜ ସାମଗ୍ରୀ ରାସ୍ତା ଉପରେ ପଡ଼ି ବାରମ୍ବାର ଦୁର୍ଘଟଣା ଘଟୁଛି, ଯାହା ସ୍ଥାନୀୟ ବାସିନ୍ଦା ଓ ଅନ୍ୟ ଗାଡ଼ି ଚାଳକଙ୍କ ପାଇଁ ମରଣଯନ୍ତା ପାଲଟିଛି। ଏ ସମ୍ପର୍କରେ ପୂର୍ବରୁ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ ସ୍ଥାନୀୟ ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ଆଜି ମହାବୀର ବଜାର ବ୍ୟବସାୟୀ ସଂଘ ପକ୍ଷରୁ ଏହି ଚରମ ନିଷ୍ପତ୍ତି ନିଆଯାଇଛି। ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ହାଇୱା ରାସ୍ତା କଡ଼ରେ ଛିଡ଼ା ହୋଇ ରହିଥିବାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ଟ୍ରାଫିକ ସମସ୍ୟା ଜଟିଳ ହେବାରେ ଲାଗିଛି। ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଥିଲେ ହେଁ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ପ୍ରଶାସନର କୌଣସି ବରିଷ୍ଠ ଅଧିକାରୀ ସେଠାରେ ପହଞ୍ଚି ନାହାନ୍ତି। ବେଆଇନ ଖଣି ଓ କ୍ରସରଗୁଡ଼ିକୁ ସମ୍ପୂର୍ଣ୍ଣ ବନ୍ଦ କରିବା ସହ ଜନବସତି ଅଞ୍ଚଳରେ ହାଇୱା ଚଳାଚଳ ଉପରେ କଟକଣା ଲଗାଇବାକୁ ବ୍ୟବସାୟୀ ସଂଘ ଦୃଢ଼ ଦାବି କରିଛି। ଯଦି ତୁରନ୍ତ କୌଣସି ସ୍ଥାୟୀ ସମାଧାନ ନହୁଏ, ତେବେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

### ● ଅନୁମତିଠାରୁ କମ୍ ଖଣିଜଦ୍ରବ୍ୟ ଉତ୍ତୋଳନ ପାଇଁ ରାଜସ୍ୱ ହାନି ପ୍ରସଙ୍ଗ

## ଏନ୍‌ଏମ୍‌ଡିସି ଜରିଆରେ ଉତ୍ତୋଳନ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ, ୨୯।୧ (ସମିସ): ଖଣିଗୁଡ଼ିକରୁ ଅନୁମତି ଅନୁସାରେ ଉପଯୁକ୍ତ ପରିମାଣର ଖଣିଜଦ୍ରବ୍ୟ ଉତ୍ତୋଳନ କରାଯାଉ ନଥିବା କାରଣରୁ ରାଜ୍ୟ ସରକାରଙ୍କ ବହୁ ପରିମାଣରେ ରାଜସ୍ୱ ହାନି ଘଟୁଥିବା ପ୍ରସଙ୍ଗ ନେଇ ଦାୟର ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ହାଇକୋର୍ଟ। ଏଭଳି କ୍ଷେତ୍ରରେ ସରକାର୨୦୧୬ରମିନେରାଲକନସେସନ୍ ରୁଲ୍‌ର ଧାରା ୧୨(୧)(ଇଇ)କୁ କଡ଼ାକଡ଼ି ପାଳନ କରିବା ସହ ଯେଉଁ ଲିଜ୍‌ଧାରୀଙ୍କ କ୍ଷେତ୍ରରେ ଅନୁମତିଠାରୁ କମ ଖଣିଜ ଦ୍ରବ୍ୟ ଉତ୍ତୋଳନ ହେଉଛି, ସେଠାରେ ନ୍ୟାସନାଲ ମିନେରାଲ ଡେଭଲପମେଣ୍ଟ କର୍ପୋରେସନ୍ (ଏନଏମଡିସି) ମାଧ୍ୟମରେ ଉତ୍ତୋଳନ ସୁନିଶ୍ଚିତ କରିବା ପାଇଁ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ୍ ହରୀଶ ଟଣ୍ଡନ ଓ ଜଷ୍ଟିସ୍ ଏମ.ଏସ୍ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ସିଟିଜେନ୍ସ ଆକ୍ସନ ଫୋରମ୍ ପକ୍ଷରୁ ଦାୟର ଜନସ୍ୱାର୍ଥ ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାର ଦେଇଥିବା ସତ୍ୟପାଠ ଅନୁସାରେ ଅଧିକାଂଶ ଲିଜ୍‌ଧାରୀ ପାଇଥିବା ଉତ୍ତୋଳନ ଅନୁମତିଠାରୁ କମ୍ ପରିମାଣର ଖଣିଜଦ୍ରବ୍ୟ ତଥା ଲୁହାପଥର ଉତ୍ତୋଳନ କରୁଥିବା ସ୍ପଷ୍ଟ ହୋଇଥିବାରୁ ଏନେଇ ନିୟମ ଅନୁସାରେ ଆବଶ୍ୟକ ପଦକ୍ଷେପ ନେବା ସରକାରଙ୍କ କର୍ତ୍ତବ୍ୟ ବୋଲି କହିଛନ୍ତି ଖଣ୍ଡପୀଠ। ଲିଜ୍ ସର୍ତ୍ତ ଅନୁସାରେ, କେଉଁ ଲିଜ୍‌ଧାରୀ କେତେ ପରିମାଣର ଖଣିଜଦ୍ରବ୍ୟ ଉତ୍ତୋଳନ କରିଛନ୍ତି, ସତ୍ୟପାଠ ମାଧ୍ୟମରେ ସରକାର ମଧ୍ୟ ଜଣାଇଥିଲେ।ଆବେଦନାକରୀଙ୍କ ତରଫରୁ ଆଇନଜୀବୀ ମାତୃଗୁପ୍ତ ମିଶ୍ର ଓ ସରକାରଙ୍କ ତରଫରୁ ଏଜିଏ ଦେବାଶିଷ ତ୍ରିପାଠୀ ମାମଲା ପରିଚାଳନା କରୁଥିଲେ।

## ମଧୁମାଟି ସାମ୍ବାଦିକ ସଂଘର ନୂତନ କର୍ମକର୍ତ୍ତା ଚୟନ



ସାଲେପୁର,୨୯।୧(ସମିସ): ସାଲେପୁର ଅଞ୍ଚଳର କାର୍ଯ୍ୟରତ ମୁଦ୍ରିତ ଓ ବୈଦ୍ୟୁତିକ ଗଣମାଧ୍ୟମ ପ୍ରତିନିଧିଙ୍କ ପକ୍ଷରୁ ନୂତନ ଭାବେ ମଧୁମାଟି ସାମ୍ବାଦିକ ସଂଘ ଗଠିତ ହୋଇଯାଇଛି। ପୁରାଣ ପ୍ରସିଦ୍ଧ ଚୌକିବଟ ପରିସରରେ ଆୟୋଜିତ ବୈଠକରେ ସାମ୍ବାଦିକ ବିରଞ୍ଚି ନାରାୟଣ କର ପୌରହିତ୍ୟ କରିଥିଲେ। ସାମ୍ବାଦିକ ପ୍ରଦୀପ୍ତ ପରିଜାଙ୍କ ପ୍ରସ୍ତାବ କ୍ରମେ ପ୍ରଥମେ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଂଘର ମୁଖ୍ୟ ଉପଦେଷ୍ଟା ଭାବେ ବରିଷ୍ଠ ସାମ୍ବାଦିକ ପ୍ରଫୁଲ୍ଲ ମିଶ୍ର, ବିସ୍ମିତ ଜେନା, ଚିତ୍ତ ରଞ୍ଜନ କର, ଉମାକାନ୍ତ ଜେନା, ନାରାୟଣ ଓଝା, ରତିକାନ୍ତ ପଟ୍ଟନାୟକ ପ୍ରମୁଖ ମନୋନୀତ ହୋଇଥିବା ବେଳେ ସଭାପତି ଭାବେ ସାମ୍ବାଦିକ ଶାରଦା ପ୍ରସନ୍ନ ପଣ୍ଡା, ସମ୍ପାଦକ ବିରଞ୍ଚି ନାରାୟଣ କର, ଉପସଭାପତି ପ୍ରଦୀପ୍ତ ପରିଜା, ସହସମ୍ପାଦକ ବିନୟ ଦାଶ, ସନ୍ତୋଷ ସ୍ୱାଇଁ, ସଂଗଠନ ସମ୍ପାଦକ ଭାବେ ଚିତ୍ତରଞ୍ଜନ ମୁଦୁଲି, ଗୁଲରେଜ ଅଲ୍ଲୀ, ସାଂସ୍କୃତିକ ସମ୍ପାଦକ ଭାବେ ସେକ ରହିମ ଉଦ୍ଦିନ୍, ବିଶ୍ୱଜିତ୍ ଦଳାଇ, ଦୀପକ ଷଡ଼ଙ୍ଗୀ, ଅଚ୍ୟୁତା ନନ୍ଦ ଦୀକ୍ଷିତ, ସନ୍ତୋଷ ସାହୁ ଓ କୋଷାଧକ୍ଷ ଭାବେ ଅମୀୟ ରଞ୍ଜନ ବିଶ୍ୱାଳ ପ୍ରମୁଖ ମନୋନୀତ ହୋଇଛନ୍ତି। ସାମ୍ବାଦିକ ବିସ୍ମିତ ଜେନା ଧନ୍ୟବାଦ ଦେଇଥିଲେ।

## 'ବାଣିଜ୍ୟ- ୯୩' ବ୍ୟାଚ୍‌ର ବନ୍ଧୁମିଳନ



କଟକ,୨୯।୧(ସମିସ): ଐତିହାସିକ ରେଭେନ୍ସା ମହାବିଦ୍ୟାଳୟର ୧୯ ୯୩ ବ୍ୟାଚ୍ ବାଣିଜ୍ୟ ବିଭାଗର ପୁରାତନ ଛାତ୍ରଛାତ୍ରୀଙ୍କୁ ନେଇ ଏକ ବର୍ଣ୍ଣାଢ଼୍ୟ ବନ୍ଧୁମିଳନ ଉତ୍ସବ "ମିଳନ' କଟକ ମହାନଦୀ ବିହାରସ୍ଥିତ ହୋଟେଲ ତଥାସ୍ତୁ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ବର୍ଷ ପରେ ପରସ୍ପରକୁ ଭେଟି ସମସ୍ତ ବନ୍ଧୁ ପୁରୁଣା ସ୍ମୃତିଚାରଣ କରିବା ସହ ଭାବବିହ୍ୱଳ ହୋଇପଡ଼ିଥିଲେ। ସହପାଠୀ ସ୍ୱର୍ଗତ ଆକାଶ ଅଗ୍ରୱାଲଙ୍କ ଉଦ୍ଦେଶ୍ୟରେ ଏକ ଶୋକସଭା ଆୟୋଜନ କରାଯାଇ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। କେବଳ ମନୋରଞ୍ଜନ ନୁହେଁ, ବରଂ ସମାଜସେବାକୁ ଗୁରୁତ୍ୱ ଦେଇ ଏହି ବ୍ୟାଚ୍ ପକ୍ଷରୁ ପ୍ରତିବର୍ଷ ଏକ ବୃଦ୍ଧାଶ୍ରମ ପରିଦର୍ଶନ କରି ସେଠାକାର ଅନ୍ତେବାସୀଙ୍କ ମୌଳିକ ଆବଶ୍ୟକତା ପୂରଣ କରିବା ଏବଂ ଏକ ରକ୍ତଦାନ ଶିବିର ଆୟୋଜନ କରିବା ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ସ୍ମରଣୀୟ ଉତ୍ସବରେ ରେଭେନ୍ସାର ପୂର୍ବତନ ଛାତ୍ରନେତା ତଥା ପୂର୍ବତନ ବିଜେଡି ରାଜ୍ୟ ସମ୍ପାଦକ ନିଶିତ୍ କରଣ, ପୂର୍ବୀ ଭାରତ ଷ୍ଟିଲ୍‌ର ପରିଚାଳନା ନିର୍ଦ୍ଦେଶକ ନବୀନ ଖଣ୍ଡୋଇ, ହୋଟେଲ ତଥାସ୍ତୁର ପରିଚାଳନା ନିର୍ଦ୍ଦେଶକ ବିଷ୍ଣୁଚରଣ ନାୟକ ଏବଂ ପ୍ରତିଷ୍ଠିତ ବ୍ୟବସାୟୀ ସୁଶୀଳ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ସିଏ ମିହିର ସାମନ୍ତରାଏ, ଏଲ୍‌ଆଇସି ଡିଓ ସମର ମହାନ୍ତି, ସମବାୟ ବ୍ୟାଙ୍କ ଅଧ୍ୟକ୍ଷ କ୍ଷୀରୋଦ ସାହୁ, ଜଣାଶୁଣା ସିନେ ଅଭିନେତା ଚନ୍ଦନ ମହାନ୍ତି, ଜ୍ୟୋତିର୍ବିଦ୍ ଲକ୍ଷ୍ମୀଧର ସ୍ୱାଇଁ, ଅମରଜିତ୍ ଦାସ, ସୂର୍ଯ୍ୟକାନ୍ତ ପ୍ରଧାନ, ଲଲାଟ ସ୍ୱାଇଁ, ସଞ୍ଜୟ ସାହୁ ଏବଂ ଅସିତ ପାଢ଼ୀ କାର୍ଯ୍ୟକ୍ରମର ଶୋଭାବର୍ଦ୍ଧନ କରିଥିଲେ। ତ୍ରିପୁରା ବେହେରା ଧନ୍ୟବାଦ ଦେଇଥିଲେ।

## ବିପୁଳ ଦେଶୀ ମଦ ଜବତ

ଆଠଗଡ଼,୨୯।୧(ସମିସ): ଗୁରୁବାର ଆଠଗଡ଼ ଥାନା ଅନ୍ତର୍ଗତ କୋରଙ୍ଗା ଗ୍ରାମ ଏବଂ ନିକଟସ୍ଥ କାଜୁ ଜଙ୍ଗଲରେ ଆଠଗଡ ଅବକାରୀ ବିଭାଗ, ବାଙ୍କୀ ଅବକାରୀ ଥାନା, ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ବିଭାଗ ଏବଂ ଆଠଗଡ଼ ଥାନା ସହ ଏକ ମିଳିତ ଚଢ଼ଉ କରାଯାଇଥିଲା। ଉକ୍ତ ଚଢ଼ଉରେ ସର୍ବମୋଟ ୨୯୭୫ ଲିଟର ଦେଶୀ ମଦ ସହ ୨୪ ହଜାର ୭୨୦ ଲିଟର ମଦ ପ୍ରସ୍ତୁତ ନିମନ୍ତେ ବ୍ୟବହୃତ ହେଉଥିବା ଗୁଡ଼ପୋଚ ଉଦ୍ଧାର କରାଯାଇ ଘଟଣାସ୍ଥଳରେ ନଷ୍ଟ କରାଯାଇଛି ଏବଂ ୭ଟି ମାମଲା ରୁଜୁ କରାଯାଇଛି।

## ଗାଈକୁ ଧକ୍କାଦେଲା ହାଇୱା

ତିଗିରିଆ,୨୯।୧(ସମିସ): ତିଗିରିଆ ଥାନା ଜେମାଦେଇପୁର କଦମ୍ବସାହି ବୌଦ୍ଧବିହାର ସମ୍ମୁଖରେ ରାସ୍ତାରେ ଗୁରୁବାର ଗୋଟିଏ ଗାଈକୁ ହାଇୱା ଧକ୍କା ଦେବାରୁ ଗାଈଟି ଗୁରୁତର ଭାବେ ଆହତ ହୋଇଥିଲା। ଫଳରେ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହେବା ସହ ଉତ୍ତେଜନା ପ୍ରକାଶ ପାଇଥିଲା। ଘଟଣାସ୍ଥଳରେ ତିଗିରିଆ ପୁଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା। ଆହତ ହୋଇଥିବା ଗାଈକୁ ସ୍ଥାନୀୟ ବାସିନ୍ଦା ଚିକିତ୍ସା କରିବା ପରେ ଗୋଶାଳାରେ ଛାଡିଥିବା ସୂଚନା ମିଳିଛି। ତିଗିରିଆ ବ୍ଲକର ଭୋଗଡା ପଞ୍ଚାୟତ ସ୍ଥିତ ଭେଜିଆ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଚାଲିଥିବା ଏକାଧିକ ବେଆଇନ ଖଣି ଓ କ୍ରସରରୁ ଉତ୍ପାଦିତ ସାମଗ୍ରୀକୁ ପ୍ରତ୍ୟହ ଶତାଧିକ ହାଇୱା ଯୋଗେ ରାଜ୍ୟର ବିଭିନ୍ନ ସ୍ଥାନକୁ ଚାଲାଣ ହେଉଛି। ହାଇୱା ଚଳାଚଳ ଯୋଗୁ ରାସ୍ତା ଘାଟ ଖରାପ ହେବା ସହ ଗ୍ରାମ୍ୟ ପରିବେଶ ନଷ୍ଟ ହେଉଛି। ସମ୍ପୃକ୍ତ ଘଟଣା ଆଗାମୀ ଦିନରେ ଏକ ବଡ଼ ଆନ୍ଦୋଳନ ପାଇଁ ଦାନା ବାନ୍ଧୁଥିବା ସୂଚନା ମିଳିଛି।

## ମା' ବୁଢ଼ୀ ମଙ୍ଗଳା ବରିଷ୍ଠ ନାଗରିକ ସଂଘର ସାଧାରଣତନ୍ତ୍ର ଦିବସ



କଟକ,୨୯।୧(ସମିସ): ଅଗ୍ରଣୀ ଅନୁଷ୍ଠାନ ମା' ବୁଢ଼ୀ ମଙ୍ଗଳା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ସାଧାରଣତନ୍ତ୍ର ଦିବସ କଲେଜ ଛକ ପାଟରାସାହିଠାରେ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଶିଷ୍ଟ ସମାଜସେବୀ ଅକ୍ଷୟ ଦାସ ଯୋଗଦେଇ ସ୍ଥାନୀୟ ମା'ବୁଢ଼ୀ ମଙ୍ଗଳା ମନ୍ଦିର ସମ୍ମୁଖରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଉପଦେଷ୍ଟା ଅବସରପ୍ରାପ୍ତ ପ୍ରଫେସର ଡା. ପ୍ରଫୁଲ୍ଲ ମହାପାତ୍ର, ଡ. ମିନାକ୍ଷୀ ମହାପାତ୍ର, ସମ୍ପାଦକ ପ୍ରିୟ ରଞ୍ଜନ ମହାପାତ୍ରଙ୍କ ସହିତ ଅକ୍ଷୟ ସାହୁ, ମିହିର କର, ନରେନ୍ଦ୍ର ଚୌଧୁରୀ, ପ୍ରଫୁଲ ଲେଙ୍କା, ପ୍ରସନ୍ନ ଲେଙ୍କା, ରାଜକିଶୋର ବେହେରା, ଯୋଗେନ୍ଦ୍ର ମହଲା, ଉମାକାନ୍ତ ସାହୁ, ପ୍ରତାପ ପାତ୍ର, ବୀର କିଶୋର ଜେନା, ରାଜକିଶୋର ପାତ୍ର, ଅବନୀ ସିଂ, ପ୍ରଦୀପ ଲେଙ୍କା, ଭାରତୀ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

## ଶିକାର ଫାଶ ଖୋଲୁଥିବା ବେଳେ ଜଣେ ଗିରଫ

ନରସିଂହପୁର,୨୯।୧(ସମିସ): ବନ୍ୟପ୍ରାଣୀ ଶିକାର କରିବାକୁ ବିଛାଯାଇଥିବା ଫାଶ ଖୋଲୁଥିବା ସମୟରେ ଗୁରୁବାର ଜଣେ ବ୍ୟକ୍ତିଙ୍କୁ ଧରିଛନ୍ତି ନରସିଂହପୁର ବନବିଭାଗ। ନରସିଂହପୁର ବନାଞ୍ଚଳ କର୍ମଚାରୀ ଓ ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡର ପୁରୁଣାକୋଟ ବନାଞ୍ଚଳର କର୍ମଚାରୀମାନେ ମିଳିତ ଭାବେ ବଲିକିଆରି ସଂରକ୍ଷିତ ଜଙ୍ଗଲ, ବାରବାୟା ଅଞ୍ଚଳରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ବଲିକିଆରି ସଂରକ୍ଷିତ ଜଙ୍ଗଲର କମ୍ପାର୍ଟମେଣ୍ଟ ୧୦ରେ ଦୁଇଜଣ ଅଜ୍ଞାତ ବ୍ୟକ୍ତି ବନ୍ୟପ୍ରାଣୀ ଶିକାର କରିବା ପାଇଁ ବିଛାଯାଇଥିବା ଫାଶଗୁଡ଼ିକ ଖୋଲୁଥିଲେ। ଅଭିଯୁକ୍ତ ଜଣକ ହେଲେ ବଲିକିଆରି ଅଞ୍ଚଳର ଭୀମସେନ ପ୍ରଧାନଙ୍କ ପୁଅ କାବୁଲା ପ୍ରଧାନ (୩୩) ଏବଂ ଅନ୍ୟ ଜଣେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ସେଠାରୁ ଫାଶରେ ବ୍ୟବହୃତ ହୋଇଥିବା ଜିଆଇ ତାର ଗୁଡ଼ିକ ଜବତ କରାଯାଇଥିଲା। ବନାଞ୍ଚଳ କାର୍ଯ୍ୟାଳୟକୁ ନିଆଯାଇ ମାମଲା ରୁଜୁ କରାଯାଇ କଟକ କୋର୍ଟ ଚାଲାଣ କରାଯାଇଛି।

## ମା' ଦୁଆରଶୁଣିଙ୍କ ବାର୍ଷିକ ଉତ୍ସବ

ବଡ଼ମ୍ବା,୨୯।୧(ସମିସ): ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଗୋପାଳପୁର ଛକସ୍ଥିତ ମା' ଦୁଆରଶୁଣି ଠାକୁରାଣୀଙ୍କ ଜନ୍ମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଗୋପାଳପୁର ଛକ ବଣିକ ସଂଘ ଓ ମା' ଦୁଆରଶୁଣି ପୂଜା କମିଟିର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ପରିଚାଳକ ଭଜମନ ସ୍ୱାଇଁ ଓ ଦେବକାନ୍ତ ମରୁତ କୁମାର ବରାଳ ପ୍ରମୁଖ ପୌରୋହିତ୍ୟ କରିଥିଲେ। ଯଜ୍ଞରେ ଭଜମନ ସ୍ୱାଇଁ ଓ ତାଙ୍କ ସହଧର୍ମିଣୀ ବୀଣାପାଣି ସ୍ୱାଇଁ କର୍ତ୍ତା ଥିଲେ। ଦୁଇଟି ଦଳ ମଧ୍ୟରେ ମନୋଜ୍ଞ "ମହିଳା ରାସ' ପରିବେଷଣ କରାଯାଇଥିଲା। ଏହି ଅବସରରେ ବଣିକ ସଂଘ ପକ୍ଷରୁ ସାମ୍ବାଦିକ ନବକିଶୋର ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଅଂଶଗ୍ରହଣ କରିଥିବା ଦୁଇ ଗାୟିକାଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଗଦାଧର ନାୟକ, ରଜତ ବାରିକ, ଆଲୋକ ଦଳେଇ, ତାରେଶ୍ୱର ରଣା, ନିରଞ୍ଜନ ସାହୁ ଏବଂ ସଂଘର ଅନ୍ୟ କର୍ମକର୍ତ୍ତା ସହଯୋଗ କରିଥିଲେ।

## ଦୁର୍ଘଟଣାରେ ଯୁବକ ମୃତ

ବଡ଼ମ୍ବା,୨୯।୧(ସମିସ): ଖୁଣ୍ଟୁଣୀ-ନରସିଂହପୁର ୬୫ ନମ୍ବର ରାଜ୍ୟ ରାଜପଥର ମାଣିଆବନ୍ଧ ପେଟ୍ରୋଲ ପମ୍ପ ଛକ ନିକଟରେ ଏକ ବୁଲେଟ ଓ ଯାତ୍ରୀବାହୀ ବସ ମଧ୍ୟରେ ଧକ୍କା ହେବାରେ ବୁଲେଟ ଚଳାଉଥିବା ତିଗିରିଆ ଥାନା ଅଧୀନ ନୂଆପାଟଣା ଅଞ୍ଚଳର ଅର୍ମାନ ବେହେରା (୧୮)ଙ୍କ ମୃତ୍ୟୁ ହୋଇଛି। ଗୁରୁବାର ପୂର୍ବାହ୍ନରେ ଅର୍ମାନ ବଡ଼ମ୍ବା ଯାଉଥିବା ବେଳେ ମାଣିଆବନ୍ଧ ପେଟ୍ରୋଲ ପମ୍ପ ନିକଟରେ ବିପରୀତ ଦିଗରୁ ବେଣୀମାଧବ ନାମକ ଘରୋଇ ବସ ସହ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ଅର୍ମାନଙ୍କ ମୃତ୍ୟୁ ହୋଇଯାଇଥିଲା। ମାଣିଆବନ୍ଧ ଥାନାଧିକାରୀ ଦୁର୍ଘଟଣାଗ୍ରସ୍ତ ଦୁଇ ଗାଡିକୁ ଜବତ କରିବା ସହିତ ବସ ଡ୍ରାଇଭର ଯୁଗଳ କିଶୋର ସ୍ୱାଇଁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି।

### ନେମାଳ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ସ୍ୱନକ୍ଷତ୍ର ଦିବସ

# ଜୟ ଆଳତି ଦେଖିବାକୁ ହଜାର ହଜାର ଭକ୍ତଙ୍କ ଭିଡ଼

ନେମାଳ,୨୯।୧(ସମିସ)

ଓଡ଼ିଶାର ପଞ୍ଚସଖାଙ୍କ ମଧ୍ୟରୁ ଅନ୍ୟତମ ମହାପୁରୁଷ ଶ୍ରୀ ଶ୍ରୀ ଅଚ୍ୟୁତାନନ୍ଦଙ୍କ ପବିତ୍ର ସ୍ୱନକ୍ଷତ୍ର ଦିବସ କଟକ ଜିଲ୍ଲା ନେମାଳସ୍ଥିତ ପଦ୍ମବନ ପୀଠରେ ଅତ୍ୟନ୍ତ ଭକ୍ତି ଓ ଆଧ୍ୟାତ୍ମିକ ପରିବେଶରେ ପାଳିତ ହୋଇଯାଇଛି। ପ୍ରଭାତରୁ ଚିତ୍ରପ୍ରଳା ନଦୀରୁ ଏକ ଭବ୍ୟ କଳସ ଶୋଭାଯାତ୍ରା ବାହାରି ନାମମଣ୍ଡପରେ ସ୍ଥାପନ ହେବା ପରେ ଅଖଣ୍ଡ ଦୀପ ସ୍ଥାପନ ଓ ନାମ ସଂକୀର୍ତ୍ତନ ଆରମ୍ଭ ହୋଇଥିଲା। ଏହି ଅବସରରେ ମହାପ୍ରଭୁ ରୂପା ମକୁଟ ଧାରଣ କରି ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିବା ବେଳେ ସନ୍ଧ୍ୟାରେ ୭୦ରୁ ଊର୍ଦ୍ଧ୍ୱ ସେବାୟତଙ୍କ ଦ୍ୱାରା ପରିବେଷିତ ବିଶ୍ୱପ୍ରସିଦ୍ଧ "ଜୟ ଆଳତି' ସଭାସ୍ଥଳରେ ଏକ ଦୈବୀ ଆଭା ସୃଷ୍ଟି କରିଥିଲା। ଏହି ମହାନ ଉତ୍ସବରେ ଯୋଗଦେବା ପାଇଁ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ଶ୍ରଦ୍ଧାଳୁଙ୍କ ପାଇଁ ବ୍ୟାପକ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା, ଯେଉଁଥିରେ ୩୫ ଜଣ ପାଚକ ଓ ୧୫୦ ଜଣ ସହଯୋଗୀ ନିୟୋଜିତ ଥିଲେ। କଟକ ସଦର ଡେଭେଲପମେଣ୍ଟ ଅଧ୍ୟକ୍ଷ ମନୋଜ ନାୟକଙ୍କ ପକ୍ଷରୁ ୨୫ ହଜାରରୁ ଊର୍ଦ୍ଧ୍ୱ ପାଣି ବୋତଲ ବଣ୍ଟନ କରାଯାଇଥିଲା। ଶୃଙ୍ଖଳିତ ଦର୍ଶନ ପାଇଁ ନେମାଳ ଥାନା ପକ୍ଷରୁ ୪ ପ୍ଲାଟୁନ ପୁଲିସ ଫୋର୍ସ, ୪ ଜଣ ଡିଏସପି ଓ ୮୦ ଜଣ ହୋମଗାର୍ଡ ମୁତୟନ କରାଯାଇ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମାହାଙ୍ଗା ବିଧାୟକ ସାରଦା ପ୍ରଧାନ, ବିଧାୟକ ପ୍ରକାଶ ସେଠୀ, କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁନାଥ ଆୟେର, କଟକ ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, କଟକ ଗ୍ରାମାଞ୍ଚଳ ଏସପି ବିନୀତ ଅଗ୍ରୱାଲ,



ନିଶ୍ଚିନ୍ତକୋଇଲି ତହସିଲଦାର ଦମୟନ୍ତୀ ସାହୁ ଓ ବିଡିଓ ଦିବ୍ୟେନ୍ଦୁ ଦାସ ପ୍ରମୁଖ ଯୋଗ ଦେଇଥିଲେ। ବରିଷ୍ଠ ସେବାୟତ ଧରଣୀଧର ପୂଜାରୀ, କ୍ଷମାନିଧି ପୂଜାରୀ, ଶିଶିର କୁମାର ଦାସ ଓ ସମାଜସେବୀ ବିଭୁପ୍ରସାଦ ଦ୍ୱିବେଦୀଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ନେମାଳ ପଦ୍ମବନ ଯାଦବ ମହାସଂଘ ପକ୍ଷରୁ ଏହି ଅବସରରେ ଏକ ସ୍ୱତନ୍ତ୍ର ନିମନ୍ତ୍ରଣପତ୍ର ଉନ୍ମୋଚିତ ହୋଇଯାଇଛି। ଆସନ୍ତା ଦୋଳ ପୂର୍ଣ୍ଣିମାଠାରୁ ପାଞ୍ଚ ଦିନ ବ୍ୟାପି ଏକ ବିଶାଳ ରାଜ୍ୟସ୍ତରୀୟ ଲଉଡ଼ି ଉତ୍ସବ ଅନୁଷ୍ଠିତ ହେବ ବୋଲି ସଂଘର ଉପସଭାପତି କାର୍ତ୍ତିକଚନ୍ଦ୍ର ଦାସ ସୂଚନା ଦେଇଛନ୍ତି। ସାମ୍ବାଦିକ ରତ୍ନାକର ବାରିକ, ଗୋବିନ୍ଦ ଦାସ ଓ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଅତ୍ୟନ୍ତ ସଫଳତାର ସହ ସମ୍ପନ୍ନ ହୋଇଛି।

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନଚୈନଂ କ୍ଳେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ॥



୰ ଦେବବାଳା ମହାପାତ୍ର
ମହତାବ ରୋଡ୍, କଟକ
ଆବିର୍ଭାବ : ୧୯.୦୨.୧୯୭୯
ତିରୋଧାନ : ୨୦.୦୧.୨୦୨୬
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା
ଶୋକସନ୍ତପ୍ତ:
ପରିବାରବର୍ଗ ଓ ବନ୍ଧୁବାନ୍ଧବ

# କଟକ ସିଟି





# ନିରାମୟ କେନ୍ଦ୍ରର ଔଷଧ ବଜାରରେ ବିକ୍ରି

## ମଙ୍ଗଳାବାଗ ଅଞ୍ଚଳରେ ବିକ୍ରି ଅଭିଯୋଗ

## କାର୍ଯ୍ୟାନୁଷ୍ଠାନ ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ନିବେଦନ




କଟକ,୨୯।୧(ସମିସ):

ରୋଗୀଙ୍କୁ ନିଃଶୁଳ୍କରେ ଔଷଧ ଯୋଗାଇଦେବା ପାଇଁ ବିଭିନ୍ନ ସରକାରୀ ହସ୍ପିଟାଲରେ ନିରାମୟ କେନ୍ଦ୍ର ଖୋଲାଯାଇଛି। ବିଶେଷକରି ଏହି ଯୋଜନା ଦ୍ୱାରା ଗରିବଶ୍ରେଣୀର ରୋଗୀ ଅଧିକମାତ୍ରାରେ ଉପକୃତ ହେଉଛନ୍ତି। ମାତ୍ର ନିରାମୟ କେନ୍ଦ୍ରର ଔଷଧ ଏବେ ବଜାରରେ ବିକ୍ରି କରାଗଲାଣି। ଔଷଧ ଷ୍ଟ୍ରିପ୍‌ରେ ଓଡ଼ିଶା ଷ୍ଟେଟ ମେଡିକାଲ କର୍ପୋରେସନ ଲିମିଟେଡ୍‌ର ଷ୍ଟାମ୍ପ ରହିଥିବା ସତ୍ତ୍ୱେ ଏହାକୁ ବିକ୍ରି କରାଇବାକୁ ଅସାଧୁ ବ୍ୟବସାୟୀ ପଛାଉ ନାହାନ୍ତି। ମଙ୍ଗଳାବାଗ ଅଞ୍ଚଳରେ ଥିବା କିଛି ଔଷଧ ଦୋକାନରେ ଏଭଳି କାରବାର ବେଧଡକ ଚାଲିଥିବା ଜଣାପଡ଼ିଛି। ପିଣ୍ଟୁ ଜେନା ନାମକ ଜଣେ ଯୁବକ ହୃଦରୋଗ ନିମନ୍ତେ ଉଦ୍ଦିଷ୍ଟ ଔଷଧ କିଣିବାକୁ ଯାଇଥିବା ବେଳେ ତାଙ୍କୁ ନିରାମୟ କେନ୍ଦ୍ରର ମାଗଣା ଔଷଧ ବିକ୍ରି କରାଯାଇଥିଲା। ଏ ସଂକ୍ରାନ୍ତରେ ସେ ଅଭିଯୋଗ କରିବା ସହ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି।

ନିରାମୟ କେନ୍ଦ୍ରରେ ଔଷଧ ସଙ୍କଟ ନେଇ ବାରମ୍ବାର ଅଭିଯୋଗ ଆସେ। ବିଭିନ୍ନ ଜଟିଳ ରୋଗର ଔଷଧ ଉପଲବ୍ଧ ନଥିବାରୁ ରୋଗୀ ବାଧ ହୋଇ ବଜାରରୁ ଔଷଧ କିଣନ୍ତି। ତେବେ ନିରାୟମ କେନ୍ଦ୍ରର ଔଷଧ ବଜାରରେ ବିକ୍ରି ହେବା ଭଳି ଘଟଣା ଏବେ ଲୋକଲୋଚନକୁ ଆସିଛି। ଅଭିଯୋଗକାରୀ ପିଣ୍ଟୁଙ୍କୁ ମଙ୍ଗଳାବାଗ ଅଞ୍ଚଳରେ ଥିବା ଏକ ଦୋକାନରେ କ୍ଲୋପିଡୋଗ୍ରେଲ୍ ଔଷଧ ବିକ୍ରି କରାଯାଇଥିଲା। ଏହି ଔଷଧ ଷ୍ଟ୍ରିପରେ ଓଡ଼ିଶା ଷ୍ଟେଟ ମେଡିକାଲ କର୍ପୋରେସନ ଲିମିଟେଡ୍‌ର ଷ୍ଟାମ୍ପ ରହିଥିଲା। କୌଣସି ମୂଲ୍ୟ ଉଲ୍ଲେଖ ହୋଇ ନଥିଲା। କ୍ଲୋପିଡୋଗ୍ରେଲ୍ ଔଷଧର ମୂଲ୍ୟ ବିଭିନ୍ନ କମ୍ପାନୀ ଅନୁସାରେ ୪୪ଟଙ୍କାରୁ ଆରମ୍ଭ କରି ୭୫ଟଙ୍କା ପର୍ଯ୍ୟନ୍ତ ରହିଛି। ତେବେ ଉକ୍ତ ମାଗଣା ଔଷଧକୁ ମନଇଚ୍ଛା ଦରରେ ବିକ୍ରି କରାଯାଉଥିବା ସେ ଅଭିଯୋଗରେ ଜଣାଇଛନ୍ତି। ନିରାମୟ କେନ୍ଦ୍ରରୁ ଔଷଧ ନେଇ ମେଡିକାଲ ସନ୍ନିକଟ ବଜାରରେ ବିକ୍ରି କରାଯିବା ଭଳି ସମ୍ବେଦନଶୀଳ ଘଟଣାକୁ ନେଇ ସ୍ୱାସ୍ଥ୍ୟ ବିଭାଗ ଦୃଷ୍ଟି ଦେଉ ବୋଲି ଅଭିଯୋଗକାରୀ ପିଣ୍ଟୁ ନିବେଦନ କରିଛନ୍ତି।

ଜଣେ ଔଷଧ ଦୋକାନୀ ଆଲୋଚନା ପ୍ରସଙ୍ଗରେ କହିଛନ୍ତି ଯେ କିଛି ମାସ ହେବ ଏଭଳି ଔଷଧ ଏବେ ବଜାର ପ୍ରବେଶ କରୁଛି। ଏହା କେଉଁଠାରୁ ଆସୁଛି ଏବଂ ଏହା ପଛରେ କାହାର ସମ୍ପୃକ୍ତି ରହିଛି ତାହା ସ୍ପଷ୍ଟ ନୁହେଁ। ନିରାମୟ କେନ୍ଦ୍ରର ଔଷଧକୁ କିଛି ଦଲାଲ ଖୁବ କମ୍ ଦରରେ ଦୋକାନୀଙ୍କୁ ପ୍ରଦାନ କରୁଛନ୍ତି। ଦୋକାନୀ ନିଜ ମନ ମୁତାବକ ଦର ଲଗାଇ ରୋଗୀଙ୍କୁ ବିକୁଛନ୍ତି। ବିଶେଷକରି ଜିଲ୍ଲା ବାହାରୁ ଏହି ଔଷଧ ଅଣାଯାଉଥିବା ଅନୁମାନ କରାଯାଉଛି। ଘଟଣାର ଖୋଳତାଡ ହେଲେ ଏକ ବଡ ଲିଙ୍କ୍ ପଦାକୁ ଆସିବ ବୋଲି ଦୋକାନୀ ଜଣକ କହିଛନ୍ତି।

# ଜବରଦଖଲ ଉଚ୍ଛେଦ ତ୍ୱରାନ୍ୱିତ ନିର୍ଦ୍ଦେଶ

କଟକ,୨୯ ।୧(ସମିସ): କଟକ ସଦର ତହସିଲ ଅଧୀନ ନୂଆପଡ଼ା ଅଞ୍ଚଳରେ ହୋଇଥିବା ସରକାରୀ ଜମି ଜବରଦଖଲକୁ ନେଇ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଏକ ଗୁରୁତ୍ୱପୂର୍ଣ୍ଣ ଶୁଣାଣି କରିଛନ୍ତି। ଜବରଦଖଲକାରୀଙ୍କୁ ହଟାଇବା ପାଇଁ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଆର୍ତ୍ତତ୍ରାଣ ଭୂୟାଁଙ୍କ ତରଫରୁ ଦାୟର ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ୍. ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ଦର୍ଶାଇଥିଲେ ଯେ, ଗ୍ରାମର ଗୋଚର, ପାଡିଆ ଏବଂ ଗ୍ରାମ୍ୟ ରାସ୍ତା ଭଳି ଗୁରୁତ୍ୱପୂର୍ଣ୍ଣ ସରକାରୀ ଜମିକୁ କିଛି ବ୍ୟକ୍ତି ବେଆଇନ ଭାବେ ମାଡ଼ି ବସିଛନ୍ତି। ଏହି ମାମଲାଟି ୨୦୧୧ ମସିହାରୁ ଚାଲିଆସୁଛି। ପୂର୍ବରୁ ଜିଲ୍ଲାପାଳଙ୍କୁ ଏହି ବିଷୟରେ ବିଚାର କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ କୌଣସି ସନ୍ତୋଷଜନକ ପଦକ୍ଷେପ ନିଆଯାଇ ନ ଥିଲା। ଏହାପରେ ଆବେଦନକାରୀ ପୁଣି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଶୁଣାଣି ସମୟରେ ଅତିରିକ୍ତ ସରକାରୀ ଓକିଲ କୋର୍ଟଙ୍କୁ ଜଣାଇଥିଲେ ଯେ, ସମ୍ପୃକ୍ତ ଜମିଗୁଡ଼ିକରୁ ଜବରଦଖଲ ହଟାଇବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇସାରିଛି।

# ଜିଲ୍ଲାସ୍ତରୀୟ ପ୍ୟାରେଡ୍‌ରେ ରଘୁନାଥଜୀଉ ମହାବିଦ୍ୟାଳୟକୁ ସଫଳତା



କଟକ,୨୯।୧(ସମିସ): କଟକର ଅଗ୍ରଣୀ ଶିକ୍ଷାନୁଷ୍ଠାନ ରଘୁନାଥଜୀଉ ସ୍ନାତକ ମହାବିଦ୍ୟାଳୟ ପାଇଁ ଚଳିତ ବର୍ଷର ସାଧାରଣତନ୍ତ୍ର ଦିବସ ଏକ ଗୌରବମୟ ଅଧ୍ୟାୟ ଯୋଡ଼ିଛି। ସ୍ଥାନୀୟ ବାରବାଟୀ ଷ୍ଟାଡିୟମ୍‌ଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ସମାରୋହରେ ରଘୁନାଥଜୀଉ ମହାବିଦ୍ୟାଳୟର ଏନସିସି ଦଳକୁ ଜିଲ୍ଲାସ୍ତରୀୟ ଶ୍ରେଷ୍ଠ ପ୍ୟାରେଡ୍ ଦଳ ଭାବେ ବିବେଚିତ କରାଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମହାବିଦ୍ୟାଳୟର ଏହି କୃତି ପ୍ରତିଯୋଗୀମାନଙ୍କୁ ସମ୍ମାନିତ କରିବା ସହ ପୁରସ୍କାର ପ୍ରଦାନ କରିଛନ୍ତି। ଛାତ୍ରଛାତ୍ରୀଙ୍କ ଏହି ନିଷ୍ଠାପୂର୍ଣ୍ଣ ପ୍ରୟାସ ଏବଂ ସଫଳତା ପାଇଁ ମହାବିଦ୍ୟାଳୟର ଅଧ୍ୟକ୍ଷ ଚନ୍ଦ୍ରମୋହନ ସ୍ୱାଇଁ ଏବଂ ଏନସିସି ଅଧିକାରୀ ଲେଫ୍ଟନାଣ୍ଟ ଅନିରୁଦ୍ଧ ଦାସ ସମସ୍ତ ଅଂଶଗ୍ରହଣକାରୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

# ପରୀକ୍ଷା ଦର୍ପଣ ପୁସ୍ତକ ବିତରଣ

କଟକ,୨୯।୧(ସମିସ): କଟକ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାର୍ଥୀଙ୍କ ପାଇଁ ପରୀକ୍ଷା ଦର୍ପଣ ପୁସ୍ତକ ବିତରଣ କରାଯାଇଛି। ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଅନୁଷ୍ଠିତ ହେଉଥିବା ମାଟ୍ରିକ ପରୀକ୍ଷା ପାଇଁ ପରୀକ୍ଷାର୍ଥୀଙ୍କୁ ପରିଷଦ ପକ୍ଷରୁ ପରୀକ୍ଷା ଦର୍ପଣ ପୁସ୍ତକ ଯୋଗାଇ ଦିଆଯାଇଛି। ଏଥିପାଇଁ କଟକ ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟଠାରେ ଜିଲ୍ଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକ ଜିଲ୍ଲାର ସମସ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ, ପ୍ରଧାନଶିକ୍ଷୟିତ୍ରୀଙ୍କୁ ପୁସ୍ତକ ବିତରଣ କରିଥିଲେ। ମାଧ୍ୟମିକ ଶିକ୍ଷା ପରିଷଦର ନିଷ୍ପତ୍ତିକ୍ରମେ



ପରୀକ୍ଷା ଦର୍ପଣ ପୁସ୍ତକ ପ୍ରଦାନ କରାଯାଉଥିବା ବେଳେ ଏହି ପୁସ୍ତକ ଦ୍ୱାରା ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଦେଉଥିବା ଛାତ୍ରଛାତ୍ରୀମାନେ ବିଶେଷ ଉପକୃତ ହୋଇପାରିବେ ବୋଲି ଶିକ୍ଷାଧିକାରୀ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମନୋରଞ୍ଜନ ବାରିକ, ଅଭିଜିତ ଭାସ୍କର, ବିଇଓ ମନିଷା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ନାବାଳିକାଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ ଘଟଣା: ଯୁବକ ଗିରଫ

କଟକ, ୨୯।୧ (ସମିସ): ନାବାଳିକାଙ୍କ ଅଶ୍ଳୀଳ ଭିଡିଓ ରେକର୍ଡ କରି ସେହି ଭିଡିଓକୁ ଭାଇରାଲ କରିବା ଅଭିଯୋଗରେ କଟକ ସାଇବର ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ ହେଲେ ଗଞ୍ଜାମ ଜିଲ୍ଲା ଜଗନ୍ନାଥପ୍ରସାଦ ଥାନାଞ୍ଚଳର ପ୍ରମୋଦ ବେହେରା (୨୩)। ଗୁରୁବାର ତାକୁ କୋର୍ଟ ଚାଲାଣ କରାଯାଇଛି। ପୁଲିସ ସୂଚନା ଅନୁଯାୟୀ, ୨୦୨୪ ମସିହାରେ ଅଭିଯୁକ୍ତ ପ୍ରମୋଦ କଟକ ପୁରୀଘାଟ ଥାନାଞ୍ଚଳରେ ଭଡ଼ାରେ ରହୁଥିଲା। ପାଖ ଘରେ ଅନ୍ୟ ଏକ ପରିବାରର ଜଣେ ନାବାଳିକା ସହ ଅଭିଯୁକ୍ତ ସମ୍ପର୍କ ସୃଷ୍ଟି କରି ମୋବାଇଲ ଫୋନରେ ଅଶ୍ଳୀଳ ଭିଡିଓ ରେକର୍ଡ କରିଥିଲା। ପରେ ସେହି ଭିଡିଓକୁ ଦେଖାଇ ନାବାଳିକାଙ୍କୁ ବ୍ଲାକମେଲ କରିବା ଆରମ୍ଭ କରିଥିଲା। ପରିବାର ଲୋକେ ଜାଣିବା ପରେ କଟକ ସାଇବର ଥାନାରେ ଅଭିଯୋଗ ଦାଖଲ କରିଥିଲେ। ପରେ ଅଭିଯୁକ୍ତ କଟକ ଛାଡ଼ି ଫେରାର ହୋଇଯାଇଥିଲା। ପୈତୃକ ଘରେ ଥିବା ସୂଚନା ପାଇ ସାଇବର ଥାନା ପୁଲିସ ଟିମ୍ ଚଢ଼ଉ କରି ପ୍ରମୋଦକୁ ଗିରଫ କରିଛି।

# ଅବସରପ୍ରାପ୍ତ ବାୟୁସେନା କର୍ମଚାରୀ ସଂଘର କମ୍ୟୁନିଟି ସେଣ୍ଟର ଉଦ୍‌ଘାଟିତ



କଟକ,୨୯ ।୧(ସମିସ): କଟକ ସିଡିଏ ସେକ୍ଟର-୭ ଅଞ୍ଚଳରେ ଅବସରପ୍ରାପ୍ତ ବାୟୁସେନା କର୍ମଚାରୀଙ୍କ ସାମାଜିକ ସୁବିଧା ପାଇଁ କଟକ ଅବସରପ୍ରାପ୍ତ ଏୟାର ଫୋର୍ସ କର୍ମଚାରୀ ସଂଘର ନବନିର୍ମିତ କମ୍ୟୁନିଟି ସେଣ୍ଟର ଉଦଘାଟିତ ହୋଇଯାଇଛି। ଏହାକୁ ବାରବାଟୀ-କଟକ ବିଧାୟିକା ସୋଫିଆ ଫିରଦୋସ ଉଦଘାଟନ କରିଛନ୍ତି। ବିଧାୟକ ଉନ୍ନୟନ ପାଣ୍ଠି ସହାୟତାରେ ଏହି ଗୃହଟି ନିର୍ମାଣ କରାଯାଇଛି। ଦେଶମାତୃକାର ସେବା କରି ଅବସର ଗ୍ରହଣ କରିଥିବା ବୀର ଯବାନମାନଙ୍କ ସମ୍ମାନାର୍ଥେ ଏହି ପ୍ରକଳ୍ପ ସହାୟକ ହେବ ବୋଲି ବିଧାୟିକା ଶ୍ରୀମତୀ ଫିରଦୋସ କହିଛନ୍ତି। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସଂଘର କର୍ମକର୍ତ୍ତାଙ୍କ ସମେତ ବହୁ ଅବସରପ୍ରାପ୍ତ ବାୟୁସେନା ଅଧିକାରୀ ଓ ସ୍ଥାନୀୟ ବ୍ୟକ୍ତିବିଶେଷ ଯୋଗଦେଇ ବିଧାୟିକାଙ୍କ ଏହି ପଦକ୍ଷେପକୁ ପ୍ରଶଂସା କରିଥିଲେ।

# ସୁବନ୍ଧନ ବାରିକ ଶଙ୍କରପୁରର ନୂଆ ଅଧିକାରୀ

କଟକ,୨୯ ।୧(ସମିସ): ସୁବନ୍ଧନ ବାରିକ୍ ଶଙ୍କରପୁର ଗ୍ରାମର ନୂଆ ଅଧିକାରୀ ହୋଇଛନ୍ତି। ଗ୍ରାମରେ ହୋଇଥିବା ମତଦାନ ପ୍ରକ୍ରିୟାରେ ସୁବନ୍ଧନ ବିଜୟ ହେବା ପରେ ତାଙ୍କୁ ଅଧିକାରୀ ନିଯୁକ୍ତି ମିଳିଛି। ସେ ହେଉଛନ୍ତି ଗ୍ରାମର ପୂର୍ବତନ ଅଧିକାରୀ ସ୍ୱର୍ଗତ ସୁରେଶଚନ୍ଦ୍ର ବାରିକ୍‌ଙ୍କ ପୁଅ ଓ ପୂର୍ବତନ ଅଧିକାରୀ ସ୍ୱର୍ଗତ ଭଜନୀ ବାରିକ୍‌ଙ୍କ ନାତି। ଗତବର୍ଷ ଜୁନ୍ ମାସରେ ଅଧିକାରୀ ସୁରେଶ ଚନ୍ଦ୍ର ବାରିକ୍‌ଙ୍କ ଦେହାନ୍ତ ପରେ ପଦଟି ଖାଲି ରହିଥିଲା। ଆଜି ଏହି ମତଦାନ ପ୍ରକ୍ରିୟା ପରିଚାଳନା ବେଳେ ମହନ୍ତ ଅଭିମନ୍ୟୁ ଖୁଣ୍ଟିଆ, ରଂଜିତ ରାଉତ, ମୁରବି କୃଷ୍ଣଚନ୍ଦ୍ର ପରିଡ଼ା, ବାବୁଲି ସ୍ୱାଇଁ, ରମାନାଥ ସ୍ୱାଇଁ, କ୍ଷୀରୋଦ କୁମାର ପାତ୍ର, ପ୍ରହଲ୍ଲାଦ ଚନ୍ଦ୍ର ବାରିକ୍, ଦେବେନ୍ଦ୍ର ବେହେରା, ରାଜକିଶୋର ରାଉତ, ପୂର୍ଣ୍ଣଚନ୍ଦ୍ର ରାଉତ, ସଂକୀର୍ତ୍ତନ ଗୁରୁ ରବୀନ୍ଦ୍ର ରାଉତ, ଯୁବକ ସଂଘ ସଭାପତି ସର୍ବେଶ୍ୱର ବାରିକ୍, କାର୍ଯ୍ୟକାରୀ ସଭାପତି ନିମାଇଁ ବିଶ୍ୱାଳ, ସଂପାଦକ ରଶ୍ମୀରଂଜନ ପ୍ରଧାନ, ଶଙ୍କରପୁର-ବାଦାମବାଡ଼ି ପୂଜା କମିଟି ଆୟୋଜକ ପ୍ରମୋଦ ପାତ୍ର, କୋଷାଧ୍ୟକ୍ଷ ଦେବାଶିଷ ଜେଠୀ, ସଭ୍ୟ କାଳନ୍ଦୀ ଖୁଣ୍ଟିଆ, ସଚ୍ଚିଦାନନ୍ଦ ରାଉତ, ଦିପ୍ତୀରଂଜନ ସ୍ୱାଇଁ, ସୁଜିତ ବିଶ୍ୱାଳ, ସୁଧାଂଶୁ ରାଉତ, ଲଳିତ ଖୁଣ୍ଟିଆ, ସଂଜୟ ଖୁଣ୍ଟିଆ, ଆଲୋକ ନାୟକ ଓ ମାନସ ବାରିକ୍ ପ୍ରମୁଖ ଉପସ୍ଥିତ ଥିଲେ।

# ସାପ୍ତାହିକ ଖବରକାଗଜ 'ହର୍ଷିକା' ଉନ୍ମୋଚିତ




କଟକ,୨୯।୧(ସମିସ): ଗରିବ, ଅସହାୟଓ ଅବହେଳିତ ଲୋକଙ୍କୁ ସଦାସର୍ବଦା ନ୍ୟାୟ ପ୍ରଦାନ ସହ ନିରପେକ୍ଷ ଖବର ପ୍ରକାଶନ କରିବା ଗଣମାଧ୍ୟମର ପ୍ରମୁଖ କର୍ତ୍ତବ୍ୟ। ୭୭ତମ ସାଧାରଣତନ୍ତ୍ର ଦିବସରେ ଦରଖାପାଟଣାସ୍ଥିତ କାର୍ଯ୍ୟାଳୟରେ ସାପ୍ତାହିକ ଖବରକାଗଜ ହର୍ଷିକାର ଉନ୍ମୋଚନ ଅବସରରେ ଚୌଦ୍ୱାର କଟକର ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଏହା କହିଛନ୍ତି। ସମ୍ମାନିତ ଅତିଥି ଭାବେ ୫୩ନଂ ୱାର୍ଡ କର୍ପୋରେଟର ଅରବିନ୍ଦ ଜେନା ଏବଂ ୫୨ନଂ ୱାର୍ଡ କର୍ପୋରେଟର ସୌଭାଗିନୀ ଜେନା ବକ୍ତବ୍ୟ ପ୍ରଦାନ କରିଥିଲେ। ଯେପର୍ଯ୍ୟନ୍ତ ସାଧାରଣ ଲୋକଟି ତାର ନ୍ୟାଯ୍ୟ ଦାବି ହାସଲ ନ କରିଛି ସେ ପର୍ଯ୍ୟନ୍ତ ଆମର ଲଢ଼େଇ ଜାରି ରହିବ ବୋଲି ମୁଖ୍ୟ ସମ୍ପାଦକ ଡଃ ବ୍ୟୋମକେଶ କାନୁନଗୋ କହିଛନ୍ତି। ସମ୍ପାଦକ ବିରଜା ପ୍ରସାଦ କାନୁନଗୋ, ସହସମ୍ପାଦକ ଡ. ପ୍ରଦୋତ ତ୍ରିପାଠୀ, ନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ମହାନ୍ତି, ପ୍ରଦୀପ ଦାସ, ସୁଧାଂଶୁ ଦାସ ଏବଂ ସାମ୍ବାଦିକ ସମୀର କର, ନଗେନ ଦାସଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ବର୍ଷସାରା ପାଳିତ ହେବ ଗୁରୁ ଦୟାନିଧି ଦାସଙ୍କ ଜନ୍ମ ଶତବାର୍ଷିକୀ

କଟକ,୨୯।୧(ସମିସ): ଓଡ଼ିଶାର କଳା ଓ ସଂସ୍କୃତି ଜଗତର ଜଣେ ଅନନ୍ୟ ବ୍ୟକ୍ତିତ୍ୱ ଗୁରୁ ଦୟାନିଧି ଦାସଙ୍କ ଜନ୍ମ ଶତବାର୍ଷିକୀକୁ ଆସନ୍ତା ୨୦୨୬ ମସିହାରେ ରାଜ୍ୟବ୍ୟାପୀ ମହାସମାରୋହରେ ପାଳନ କରିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ଉପଲକ୍ଷେ କଟକସ୍ଥିତ "ଦୟାନିଧି ସ୍ମୃତି କଳା ପରିଷଦ' ପରିସରରେ ଅନୁଷ୍ଠାନର କର୍ମକର୍ତ୍ତା ଓ ସଦସ୍ୟମାନଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଗୁରୁଙ୍କ ସ୍ମୃତି ଚାରଣ କରାଯିବା ସହ ବର୍ଷସାରା ଅନୁଷ୍ଠିତ ହେବାକୁ ଥିବା ବିଭିନ୍ନ ସାଂସ୍କୃତିକ ଓ ଶିକ୍ଷାଭିତ୍ତିକ କାର୍ଯ୍ୟକ୍ରମର ଏକ ବିସ୍ତୃତ ରୂପରେଖ ପ୍ରସ୍ତୁତ କରାଯାଇଛି। ନିଷ୍ପତ୍ତି ଅନୁଯାୟୀ, ଆସନ୍ତା ଫେବ୍ରୁଆରୀରେ ଗୁରୁଙ୍କ ଜନ୍ମସ୍ଥାନ ନୟାଗଡ଼ଠାରୁ ସାଂସ୍କୃତିକ କାର୍ଯ୍ୟକ୍ରମର ଶୁଭାରମ୍ଭ ହେବ ଏବଂ ଭୁବନେଶ୍ୱରରେ ଓଡ଼ିଶୀ ନୃତ୍ୟ ଉପରେ ଏକ ଆଲୋଚନାଚକ୍ର ଆୟୋଜିତ ହେବ। ମାର୍ଚ୍ଚ ମାସରେ କଟକରେ ଶ୍ରାଦ୍ଧ ଉତ୍ସବ ପାଳନ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯିବାକୁ ଥିବା ବେଳେ ଏପ୍ରିଲରୁ ସେପ୍ଟେମ୍ବର ମାସ ମଧ୍ୟରେ ତାଙ୍କ ରଚିତ ଗୀତିନାଟ୍ୟ, ପ୍ରାମାଣିକ ଚଳଚ୍ଚିତ୍ର ପ୍ରଦର୍ଶନ, "ସୁବର୍ଣ୍ଣ ମଞ୍ଜରୀ' ନୃତ୍ୟ ନାଟିକା ଏବଂ ଡାଲଖାଇ, କରମା ପରି ବିଭିନ୍ନ ପଲ୍ଲୀ ନୃତ୍ୟ ପ୍ରଦର୍ଶନର କାର୍ଯ୍ୟକ୍ରମ ରହିଛି। ଏହାବ୍ୟତୀତ ଶିଶୁ ଏକାଙ୍କିକା, କବିତା ପାଠୋତ୍ସବ ଏବଂ ଓଡ଼ିଶୀ ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମଗୁଡ଼ିକ କଟକ ଓ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଆୟୋଜିତ ହେବ। ବର୍ଷର ଶେଷ ଭାଗ ଅର୍ଥାତ୍ ନଭେମ୍ବର ଓ ଡିସେମ୍ବର ମାସରେ ନୟାଗଡ଼ଠାରେ ଭବ୍ୟ ଉଦଯାପନୀ ସମାରୋହ ଅନୁଷ୍ଠିତ ହେବ। ଏହି ଶତବାର୍ଷିକୀ ଅବସରରେ ଗୁରୁଙ୍କ କାର୍ଯ୍ୟାବଳୀକୁ ନେଇ ପୁସ୍ତକ, ତାଙ୍କ ସ୍ମୃତିରେ "ଅଭୁଲା ସ୍ମୃତି' ସ୍ମାରକୀ ଗ୍ରନ୍ଥ ଏବଂ ଏକ ସ୍ୱତନ୍ତ୍ର ଚିତ୍ର ଗ୍ରନ୍ଥ ପ୍ରକାଶ କରିବାକୁ ପରିଷଦ ପକ୍ଷରୁ ସ୍ଥିର ହୋଇଛି। ଏହି ସମସ୍ତ ବ୍ୟାପକ ଆୟୋଜନ ପାଇଁ ଅର୍ଥର ଆବଶ୍ୟକତା ଥିବାରୁ ଗୁରୁଙ୍କ ପ୍ରିୟ ଛାତ୍ରଛାତ୍ରୀ, ବନ୍ଧୁ ଓ ଶୁଭେଚ୍ଛୁମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବାକୁ ପରିଷଦ ପକ୍ଷରୁ ନିବେଦନ କରାଯାଇଛି।

# ନୂତନ କ୍ୟାଲେଣ୍ଡର ଉନ୍ମୋଚନ



କଟକ,୨୯।୧(ସମିସ): କଟକ-ବାରବାଟୀ ବରିଷ୍ଠ ନାଗରିକ ସଂଘ ସାଧାରଣ ସମ୍ପାଦକ ତୁଷାରକାନ୍ତ ମହାପାତ୍ରଙ୍କ ପୌରୋହିତ୍ୟରେ ନୂତନ କ୍ୟାଲେଣ୍ଡର ଉନ୍ମୋଚିତ ହୋଇଯାଇଛି। ମୁଖ୍ୟଅତିଥି ସଂଘ ଉପଦେଷ୍ଟା ଜଷ୍ଟିସ ମନୋରଞ୍ଜନ ମହାନ୍ତି, ସମ୍ମାନିତ ଅତିଥି ବିଜୟ ମହାପାତ୍ର, କୃଷ୍ଣଚନ୍ଦ୍ର ମିଶ୍ର, କେଦାରନାଥ ବେହେରା, ସୁଶାନ୍ତ ମହାପାତ୍ର, ବାସୁଦେବ ବେହେରା, ଶିବପ୍ରସାଦ ନାୟକ, ପ୍ରସନ୍ନ ମହାପାତ୍ର, ସଞ୍ଜୟ ପରିଜା, ରବୀନ୍ଦ୍ର ନାରାୟଣ ଚୌଧୁରୀ, କାଳନ୍ଦୀଚରଣ ଦାସ ଓ ସୁବ୍ରତ ଲାହା ଯୋଗ ଦେଇଥିଲେ। ବିଜୟ ପୃଷ୍ଟି ଧନ୍ୟବାଦ ଦେଇଥିଲେ।

# ଜୟ ଜଗନ୍ନାଥ କ୍ଲବର ସଭାପତି ହେଲେ ଶୁଭେନ୍ଦୁ

କଟକ,୨୯।୧(ସମିସ): କଟକ ଯୋବ୍ରା ନୂଆସାହିସ୍ଥିତ ଶ୍ରୀ ଜୟ ଜଗନ୍ନାଥ କ୍ଲବର ସଭାପତି ଭାବେ ବରିଷ୍ଠ ଆଇନଜୀବୀ ଶୁଭେନ୍ଦୁ ମହାନ୍ତି ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଥିବା କ୍ଲବ ସମ୍ପାଦକ ଅମ୍ବିକା ପ୍ରସାଦ ସାମଲ ସୂଚନା ଦେଇଛନ୍ତି। ନୂଆସାହି ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠାନର ଉପଦେଷ୍ଟା ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଗ୍ରାମ ଅଧିକାରୀ କାଶୀନାଥ ନାୟକ ଓ ମହନ୍ତ ଶିବେନ୍ଦ୍ର ନାୟକଙ୍କ ସମେତ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଯୋଗ ଦେଇଥିଲେ। କ୍ଲବର ସହସମ୍ପାଦକ ଶୁଭମ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

# ବୁଣାକାରଙ୍କ ଭାଗ୍ୟ ବଦଳାଇବ 'ଧରୋହର' ଆପ୍

## ମା'ଙ୍କ ଗାଳି ଓ ବୁଣାକାରଙ୍କ ଦୁଃଖରୁ ମିଳିଲା ପ୍ରେରଣା

## ରେଭେନ୍ସା ଛାତ୍ରଙ୍କ ଆପ୍‌କୁ ମିଳିଲା ୫ ଲକ୍ଷର ପୁରସ୍କାର

କଟକ,୨୯।୧(ସମିସ):

ଆବଶ୍ୟକତା ହିଁ ଉଦ୍ଭାବନର ଜନନୀ ଏହି କଥାକୁ ସତ କରି ଦେଖାଇଛନ୍ତି କଟକ ରେଭେନ୍ସା ବିଶ୍ୱବିଦ୍ୟାଳୟର ଆଇଏସଟି ବିଭାଗର ତୃତୀୟ ବର୍ଷ ଛାତ୍ର ଦେବୀପ୍ରସାଦ ମିଶ୍ର। ଅନଲାଇନରେ ଶାଢ଼ି କିଣି ଠକାମୀର ଶିକାର ହେବା ପରେ ଦେବୀପ୍ରସାଦ ଏପରି ଏକ ୱେବସାଇଟ୍ ନିର୍ମାଣ କରିଛନ୍ତି, ଯାହା ଗ୍ରାହକଙ୍କୁ ସଠିକ୍ ସାମଗ୍ରୀ ଯୋଗାଇବା ସହ ଓଡ଼ିଶାର ଲକ୍ଷ ଲକ୍ଷ ବୁଣାକାରଙ୍କୁ ସେମାନଙ୍କର ଉଚିତ ପାରିଶ୍ରମିକ ଦେବାରେ ସହାୟକ ହେବ। ତାଙ୍କର ଏହି ଅଭିନବ ପ୍ରୋଜେକ୍ଟ 'ଧରୋହର' ପାଇଁ ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ତାଙ୍କୁ ୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରି ସମ୍ମାନିତ କରିଛନ୍ତି।







ଏହି ସଫଳତା ପଛର କାହାଣୀ ବେଶ୍ ରୋଚକ। ଦିନେ ଦେବୀ ପ୍ରସାଦ ନିଜ ମା'ଙ୍କ ପାଇଁ ଅନଲାଇନରୁ ଏକ ପାଟ ଶାଢ଼ି ମଗାଇଥିଲେ। ଶାଢ଼ିଟି ପହଞ୍ଚିବା ପରେ ଜଣାପଡ଼ିଲା ଯେ ଅଧିକ ମୂଲ୍ୟ ଦେଇ ସେ ଏକ ନକଲି ଶାଢ଼ି କିଣିଛନ୍ତି। ଏଥିପାଇଁ ତାଙ୍କୁ ମା'ଙ୍କ ଗାଳି ମଧ୍ୟ ଶୁଣିବାକୁ ପଡ଼ିଥିଲା। ଅନ୍ୟପଟେ, ତାଙ୍କର ଜଣେ ସହପାଠୀଙ୍କ ବାପା ଜଣେ ବୁଣାକାର ହୋଇଥିବାରୁ, ବୁଣାକାରମାନେ ଦିନରାତି ପରିଶ୍ରମ କରି ମଧ୍ୟ କିପରି ମଧ୍ୟସ୍ଥିଙ୍କ ଶୋଷଣ ଯୋଗୁଁ ଉଚିତ ମୂଲ୍ୟ ପାଉନାହାନ୍ତି, ସେ ବିଷୟରେ ସେ ଜାଣିବାକୁ ପାଇଥିଲେ। ଏହି ଦୁଇଟି ଘଟଣା ତାଙ୍କୁ ଧରୋହର ୱେବସାଇଟ୍ ତିଆରି କରିବାକୁ ଖୋରାକ ଯୋଗାଇଥିଲା। ଦେବୀ ପ୍ରସାଦଙ୍କ ଦ୍ୱାରା ନିର୍ମିତ ଏହି ୱେବସାଇଟ୍ ବୁଣାକାର ଏବଂ କ୍ରେତାଙ୍କ ମଧ୍ୟରେ ଏକ ସିଧାସଳଖ ସେତୁ ସାଜିବ। ଏଥିରେ କୌଣସି ମଧ୍ୟସ୍ଥି ବା ଦଲାଲ ରହିବେ ନାହିଁ, ଫଳରେ ବୁଣାକାର ସିଧାସଳଖ ଗ୍ରାହକଙ୍କୁ ଶାଢ଼ି ବିକ୍ରି କରି ପୂରା ଲାଭ ପାଇପାରିବେ। ସବୁଠାରୁ ବଡ଼ ବୈଷୟିକ ଜ୍ଞାନକୌଶଳ ହେଉଛି କ୍ୟୁଆର କୋଡ ବ୍ୟବସ୍ଥା। ପ୍ରତ୍ୟେକ ପ୍ରଡକ୍ଟରେ ଏକ ସ୍ୱତନ୍ତ୍ର କୋଡ୍ ରହିବ, ଯାହାକୁ ସ୍କାନ୍ କରି ଗ୍ରାହକ ଶାଢ଼ିର ମାନ, ବୁଣାକାରଙ୍କ ପରିଚୟ ଏବଂ ଅସଲି-ନକଲି ମଧ୍ୟରେ ଫରକ ଜାଣିପାରିବେ। ଓଡ଼ିଶାର ପ୍ରାୟ ୨ ଲକ୍ଷ ୩୦ ହଜାର ବୁଣାକାରଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ସେ ମାତ୍ର ୫ ମାସ ମଧ୍ୟରେ ଏହି କାମ ଶେଷ କରିଛନ୍ତି।

ଦେବୀଙ୍କର ଏହି ସଫଳତାରେ ତାଙ୍କ ସହପାଠୀ ରାଜ୍ ମଧ୍ୟ ସହଯୋଗ କରିଥିଲେ। ସରକାରଙ୍କ ଠାରୁ ମିଳିଥିବା ୫ ଲକ୍ଷ ଟଙ୍କାକୁ ସେ ଏହି ପ୍ଲାଟଫର୍ମକୁ ଆହୁରି ଅଧିକ ବିକଶିତ କରିବା ପାଇଁ ବିନିଯୋଗ କରିବେ ବୋଲି କହିଛନ୍ତି। କୁଟୀର ଶିଳ୍ପ ଓ ହସ୍ତତନ୍ତ କ୍ଷେତ୍ରରେ ଏହି ୱେବସାଇଟ୍ ଏକ ବିପ୍ଳବ ଆଣିବ ବୋଲି ଆଶା କରାଯାଉଛି। ଯଦି ରାଜ୍ୟ ସରକାର ଏହି ବ୍ୟବସ୍ଥାକୁ ବୃହତସ୍ତରରେ ପ୍ରୋତ୍ସାହନ ଦିଅନ୍ତି, ତେବେ ଓଡ଼ିଶାର କଳା ଓ ସଂସ୍କୃତି ସାରା ବିଶ୍ୱରେ ଏକ ନୂତନ ପରିଚୟ ପାଇବା ସହ ଠକାମୀରୁ ଗ୍ରାହକ ସମ୍ପୂର୍ଣ୍ଣ ରୂପେ ମୁକ୍ତି ପାଇପାରିବେ ବୋଲି ଦେବୀ କହିଛନ୍ତି।

# ୧୯ ୯୩ ମାଟ୍ରିକ ବ୍ୟାଚ୍‌ର ବନ୍ଧୁମିଳନ



ବଡମ୍ବା,୨୯।୧(ସମିସ): ବଡ଼ମ୍ବା ମୋହନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟର ୧୯ ୯୩ ମସିହା ମାଟ୍ରିକ ବ୍ୟାଚ ଛାତ୍ରଙ୍କ ଗୁରୁ ପୂଜନ ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଚିନ୍ମୟୀ ମହାନ୍ତିଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବରେ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ଚନ୍ଦ୍ରଶେଖର ମହାନ୍ତି, ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ ଦିନବନ୍ଧୁ ପୃଷ୍ଟି, ମନମୋହନ ରାଉତ, ଦୁର୍ଯ୍ୟୋଧନ ବେହେରା, ଦାମୋଦର ଦଳେଇ, ବରିଷ୍ଠ ଶିକ୍ଷୟିତ୍ରୀ ଚନ୍ଦ୍ରମଣି ପଙ୍ଗାରିଙ୍କ ସମେତ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବିଜୟ କୁମାର କରଣ ଯୋଗଦେଇଥିଲେ। ପ୍ରାରମ୍ଭରେ ପୁରାତନ ଛାତ୍ରମାନେ ଗୁରୁ ବନ୍ଦନା କରିବା ପରେ ଦିବଙ୍ଗତ ସହଯୋଗୀ ସୁରେଶଚନ୍ଦ୍ର ପ୍ରଧାନଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ପୁରାତନ ଛାତ୍ର ଶିକ୍ଷକ ରମେଶ ଚନ୍ଦ୍ର ବେହେରା ମଞ୍ଚ ସଂଯୋଜନା କରିଥିବା ବେଳେ ମାନସ ଶତପଥୀ ଅତିଥି ପରିଚୟ ଓ ତନ୍ମୟ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ବନ୍ଦେ ମାତରମ୍‌ର ୧୫୦ ବାର୍ଷିକୀର ବ୍ଲକ୍‌ସ୍ତରୀୟ ଉତ୍ସବ



ନିଶ୍ଚିନ୍ତକୋଇଲି,୨୯।୧(ସମିସ): ନିଶ୍ଚିନ୍ତକୋଇଲି ବ୍ଲକସ୍ତରୀୟ ବନ୍ଦେ ମାତରମ୍‌ର ୧୫୦ତମ ବାର୍ଷିକ ପୂର୍ତ୍ତି ପାଳନ ଉତ୍ସବ କେନ୍ଦୁପାଟଣା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି। ବ୍ଲକର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ନୃତ୍ୟ, ସଂଗୀତ, ସାଧାରଣଜ୍ଞାନ, ପ୍ରବନ୍ଧ ଆଦି ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ନିମାଇଁ ଚରଣ ସାହୁଙ୍କ ପୌରହିତ୍ୟରେ ଏଥିରେ ମୁଖ୍ୟଅତିଥି ଭାବେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ, ସମ୍ମାନିତ ଅତିଥି ଭାବେ ବିଡିଓ ଦ୍ୱିବେନ୍ଦୁ ଦାସ, ବିଇଓ ସଂଯୁକ୍ତା ମହାପାତ୍ର, ପିପି କଲେଜ ଅଧ୍ୟକ୍ଷା ପ୍ରଫେସର ଡ. ତରୁଲତା ଦେବୀ, ବିଆରସିସି ସୁଶୀଲ ଚକ୍ରବର୍ତ୍ତୀ, ଏବିଇଓ ସେକ୍ ଜାକୀର ହୁସେନ ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନଶିକ୍ଷକ ଅଭୟ ଜେନା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ସିଆରସିସି ରାଜକିଶୋର ନାୟକ, ଶିକ୍ଷକ ରଞ୍ଜନ ସ୍ୱାଇଁଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ




କନ୍ଦରପୁର,୨୯।୧(ସମିସ): କଟକ ସଦର ଅନ୍ତର୍ଗତ କନ୍ଦରପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ତ୍ରିଂଶତିତମ ବାର୍ଷିକ ଉତ୍ସବ ମହାଆଡମ୍ବରରେ ପାଳିତ ହୋଇଯାଇଛି। ପରିଚାଳନା କମିଟି ସଭାପତି ସାଧୁଚରଣ ଜେନାଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ସମ୍ମାନିତ ଅତିଥି ଭାବେ କଟକ ସଦର ପଞ୍ଚାୟତ ସମିତି ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ ଓ ମୁଖ୍ୟବକ୍ତାଭାବେ ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷା ପ୍ରଫେସର ଡ଼ଃ ସୁରେଖା ସୁନ୍ଦରୀ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ପ୍ରଧାନାଚାର୍ଯ୍ୟ ପ୍ରଭାକର ବେହେରା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ପରିଚାଳନା କମିଟି ସଂପାଦକ ରାଧାକୃଷ୍ଣ ସ୍ୱାଇଁ ବିବରଣୀ ଉପସ୍ଥାପନା କରିଥିଲେ। ଏହି ଅବସରରେ ବିଦ୍ୟାଳୟର ମୁଖପତ୍ର ଦୀପିକା ଉନ୍ମୋଚନ କରାଯାଇ କୃତି ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରିଚାଳନାରେ ଉପଦେଷ୍ଟା ହୃଷିକେଶ ଜେନା, ଉପଦେଷ୍ଟା ନବଘନ ରାଉତ, ଗୌରାଙ୍ଗ ତରାଇ, ଆଚାର୍ଯ୍ୟ ଦିଲ୍ଲୀପ ଜେନା, ପ୍ରଭାତ ପ୍ରଧାନ, ତ୍ରିଲୋଚନ ହାତୀ, ପ୍ରଣୟ ଜେନା, ଗୁରୁମା ନମିତା ପ୍ରଧାନ, ବିଷ୍ଣୁପ୍ରିୟା ପଣ୍ଡା, ଅନିତା ଶତପଥୀ, ଅନସୂୟା ମହାନ୍ତ, ଲୋଚନ ପରିଡ଼ା ପ୍ରମୁଖଙ୍କ ସମେତ ସମସ୍ତ ଗୁରୁଜୀ ଗୁରୁମା ଓ କର୍ମଚାରୀ ସହାୟତା କରିଥିଲେ।

## ରାଧାନାଥ ରଥ ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକୋତ୍ସବ




ଆଠଗଡ,୨୯।୧(ସମିସ): ଆଠଗଡ ବ୍ଲକ ଖୁଣ୍ଟୁଣୀସ୍ଥିତ ରାଧାନାଥ ରଥ ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଶଶିଭୂଷଣ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଠଗଡ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟଅତିଥି, ମୁଖ୍ୟବକ୍ତା ରୂପେ ସାମ୍ବାଦିକ ଶ୍ୱେତକାନ୍ତ ବେହେରା, ସମ୍ମାନିତ ଅତିଥି ଭାବେ ସମାଜସେବୀ ତଥା ପରିଚାଳନା କମିଟିର ସଦସ୍ୟ ନୃସିଂହ ସାହୁ, ମହେନ୍ଦ୍ର ପରିଡା, ବିପିନ ବିହାରୀ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ପ୍ରଭୁ ଜଗନ୍ନାଥ ଫଟୋଚିତ୍ର ସମ୍ମୁଖରେ ଅଧ୍ୟାପକ ଡଃ ଶୁଭଦର୍ଶୀ ଦାଶଙ୍କ ମନ୍ତ୍ର ଉଚ୍ଚାରଣ ମଧ୍ୟରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଇତିହାସ ବିଭାଗର ମୁଖ୍ୟ ଡଃ ମନୋରଞ୍ଜନ ମହାନ୍ତି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଓଡିଆ ଓ ଇଂରାଜୀ ବିଭାଗର ମୁଖ୍ୟ ଅମିତ ରଞ୍ଜନ ମିଶ୍ର ଓ ଜିତେନ୍ଦ୍ର ପ୍ରଧାନ ପୁରସ୍କାର ବିତରଣର ସଂଯୋଜନା କରିଥିଲେ। ସେହିପରି ଅଧ୍ୟାପକ ଡଃ ଯୁଗୋଜ୍ୟୋତି ସ୍ୱାଇଁ, ଡଃ ସାଗରିକା ରାଉତ, ଡଃ ମନୋରଞ୍ଜନ ନାୟକ, ମାନସୀ ବେହେରା ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ସଂସ୍କୃତ ବିଭାଗ ମୁଖ୍ୟ କୁନ୍ତଳା ବେହୁରା ଧନ୍ୟବାଦ ଦେଇଥିଲେ।

### ୧୮ ତମ ନରସିଂହପୁର ମିନି ମାରାଥନ୍

# ଦୌଡ଼ିଲେ ଶତାଧିକ ପ୍ରତିଯୋଗୀ




ନରସିଂହପୁର,୨୯।୧(ସମିସ): ନରସିଂହପୁର ଅଗ୍ରଣୀ ସାମାଜିକ ସଂଗଠନ ସାର୍ପ ସଂଗଠନ ପକ୍ଷରୁ ୧୮ ତମ ନରସିଂହପୁର ମିନି ମାରାଥନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏକ ହଜାରରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଭାଗ ନେଇଥିଲେ। ପ୍ରଥମେ ନରସିଂହପୁର ଚମ୍ପେଶ୍ୱରଠାରୁ ନରସିଂହପୁର ପର୍ଯ୍ୟନ୍ତ ୧୦ କିଲୋମିଟର ଦୂର ମାରାଥନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ନରସିଂହପୁର ବିଡ଼ିଓ ପ୍ରଜ୍ଞାନନ୍ଦ ଶତପଥୀ, ଆଡିସନାଲ ଡିଜି ତଥା ରାଜ୍ୟ ଆଣ୍ଟି ନକ୍ସଲ ମୁଖ୍ୟ ସଞ୍ଜୀବ ପଣ୍ଡା ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ମାରାଥନରେ ଅନୁଗୁଳର ପ୍ରଦୀପ ଗଡ଼ନାୟକ ଚାମ୍ପିଅନ ହୋଇଥିବା ବେଳେ ବାଙ୍କୀର ବିଶ୍ୱରଞ୍ଜନ ସାହୁ ଦ୍ୱିତୀୟ ନରସିଂହପୁର କାନପୁରର ବିଜନ ମଲ୍ଲିକ ତୃତୀୟ ହୋଇଥିଲେ। ସେହିପରି ମହିଳା ବର୍ଗରେ କାନପୁରର ରୋଜାଲିନ ବେହେରା ପ୍ରଥମ, ଶରଧାପୁର ଚମ୍ପା ଆରୁକ ଦ୍ୱିତୀୟ ଓ ଜାନିସାହିର ଶାନ୍ତିଲତା ଜାନି ତୃତୀୟ, ପୁରୁଷ ବର୍ଗରେ ବଡମ୍ବା ରତାପାଟର ସ୍ୱରାଜ ବରାଳ ପ୍ରଥମ ହୋଇଥିବା ବେଳେ ନରସିଂହପୁର ଅଭିଷେକ ପିରୋଇ ଦ୍ୱିତୀୟ, ଓଲବର ଅଜିତ ସାମଲ ତୃତୀୟ ହୋଇଥିଲେ। ନରସିଂହପୁର ଛାଡଖାଇ ମଣ୍ଡପରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଆଡିସନାଲ ଡିଜି ସଞ୍ଜୀବ ପଣ୍ଡା ଟ୍ରଫି ମେଡାଲ ପ୍ରଦାନ କରିଥିଲେ। ସାର୍ପ ସମ୍ପାଦକ ବିଜୟ ପଣ୍ଡା ସଭାରେ ଅଧ୍ୟକ୍ଷତା କରିଥିବା ବେଳେ ସମ୍ମାନିତ ଅତିଥିଭାବେ ବିଡ଼ିଓ ପ୍ରଜ୍ଞାନନ୍ଦ ଶତପଥୀ, ଆମେରିକା ବିଜନେସ ଇଣ୍ଟେଲିଜେନ୍ସ ପ୍ରଫେସନାଲର ସଭାପତି ଧୀରେନ୍ଦ୍ର କର, ଯୁବ ସଂଗଠକ ରାଜା ସାହୁ, ନୟାଗଡ ସେବା ମହୋତ୍ସବର ସଭାପତି ଶିବରାମ ମହାପାତ୍ର, ସାର୍ପ ସଂଗଠନ ସଭାପତି କୁଳମଣି ବାରିକ ପ୍ରମୁଖ ଯୋଗଦେଇଥିଲେ।

## ପରମହଂସ ଦେବଙ୍କ ଭବ୍ୟ ସମାଧି ମନ୍ଦିରର ରତ୍ନମୁଦ



ବଡ଼ମ୍ବା,୨୯।୧(ସମିସ): ବଡମ୍ବା ବ୍ଲକ ଅଧୀନ ରତାପଟସ୍ଥିତ ବିଶ୍ୱଗୁରୁ ଠାକୁର ଅଚିହ୍ନା ପରମହଂସ ଦେବଶ୍ରୀ ଶ୍ରୀ ନିମାଇଁ ଚରଣଙ୍କ ଭବ୍ୟ ସମାଧି ମନ୍ଦିରର ପବିତ୍ର ରତ୍ନମୁଦ ଉତ୍ସବ ମହାଆଡମ୍ବରରେ ପାଳିତ ହୋଇଯାଇଛି। ଓଡିଶାର ବିଭିନ୍ନ ପ୍ରାନ୍ତରୁ ହଜାର ହଜାର ଭକ୍ତଙ୍କ ଆଗମନ ହୋଇଥିଲା। ପୀଠରେ ଅଖଣ୍ଡ ଧ୍ୱନି ଜଳୁଥିବା ସହ ଭାଗବତ ପଠନ କରାଯାଇଥିଲା। ଭକ୍ତମାନେ ମନ୍ଦିର ଶିଖରକୁ ଯାଇ ରତ୍ନ ମୁଦକୁ ଦର୍ଶନ କରିବା ସହିତ ଧାନ, ବିଭିନ୍ନ ଶସ୍ୟ, ବିଭିନ୍ନ ରତ୍ନ ମୁଦ୍ରା ଆଦି ରତ୍ନମୁଦରେ ସମର୍ପଣ କରି ଭକ୍ତି ଅର୍ଘ୍ୟ ପ୍ରଦାନ କରିଥିଲେ। ଅପରାହ୍ନ ୪ଟା ସମୟରେ ମନ୍ଦିରର ରତ୍ନମୁଦ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା। ଆସନ୍ତାକାଲି ବାବାଙ୍କ ପୂର୍ଣ୍ଣାହୁତି କାର୍ଯ୍ୟ ସମାପନ ପର୍ଯ୍ୟନ୍ତ ଭଗବାନଙ୍କ ନାମ ସଂକୀର୍ତ୍ତନ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଜାରି ରହିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ମିଳିଛି।

## ଭିନ୍ନକ୍ଷମଙ୍କୁ କମ୍ବଳ ବଣ୍ଟନ

କିଶନନଗର,୨୯।୧(ସମିସ): ମା' ଅମ୍ବିକେଶ୍ୱରୀ ବରିଷ୍ଠ ନାଗରିକ ମଞ୍ଚ, ବାରଦା କିଶନନଗର କଟକ ଓ ରୋଟାରୀ କ୍ଲବ, କଟକର ମିଳିତ ସହଯୋଗରେ ସୁଦାମା କୁଟୀର, ବାରଦା, କିଶନନଗର, କଟକଠାରେ ୭୭ତମ ସାଧାରଣତନ୍ତ୍ର ଦିବସ ଅବସରରେ ପତାକା ଉତ୍ତୋଳନ କରାଯାଇଥିବା ବେଳେ ଅଞ୍ଚଳର ତିନି ଜଣ ଭିନ୍ନକ୍ଷମ କାଳୀପ୍ରସାଦ ସିହ୍ନା, ରୁଦ୍ରନାରାୟଣ ସିହ୍ନା, ରବୀନ୍ଦ୍ର ପ୍ରଧାନଙ୍କୁ କମ୍ବଳ ପ୍ରଦାନ କରାଯାଇଛି। ମାଲ୍ୟବନ୍ତ ରାଉତରାୟ, ସର୍ବେଶ୍ୱର ସାହୁ ଓ ମାନସ ରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇଥିବା ବେଳେ ବରିଷ୍ଠ ନାଗରିକ ମଞ୍ଚର ପ୍ରତିଷ୍ଠାତା ସଭାପତି ନାରାୟଣଚନ୍ଦ୍ର ସିହ୍ନା, ସଂପାଦକ ବ୍ୟଙ୍ଗ କବି ପ୍ରତାପ ଚନ୍ଦ୍ର ବେହେରା ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟନିର୍ବାହ କରିଥିଲେ।

## ଠାକୁର ଅନୁକୂଳ ଚନ୍ଦ୍ରଙ୍କ ବନଭୋଜନ ମହୋତ୍ସବ

ବଡ଼ମ୍ବା,୨୯।୧(ସମିସ): ମାନବ ସମାଜର ପରିବେଶ ସହ ସମ୍ପର୍କ ଅତି ନିବିଡ଼। ଏହାକୁ ପ୍ରତିପାଦିତ କରିବାକୁ ସତସଙ୍ଗ ଏବଂ ଠାକୁର ଅନୁକୂଳଚନ୍ଦ୍ର ତାଙ୍କର ଅନ୍ତିମଲୀଳା ସ୍ୱରୂପ ବଡମ୍ବା ବ୍ଲକ ଦିଗୀରିଆ ପାହାଡ଼ରେ ଏକ ବନଭୋଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସତସଙ୍ଗ ବିହାର, ବଡ଼ମ୍ବା ଆନୁକୂଲ୍ୟରେ ମା' ଭଟ୍ଟାରିକାଙ୍କ ପାଦଦେଶ ତଥା ଗମେଇ ଗ୍ରାମର ମହାନଦୀ କୂଳରେ ବନଭୋଜନ ଉତ୍ସବ ପାଳିତ ହୋଇଛି। ଆଖପାଖ ଅଞ୍ଚଳର ପ୍ରାୟ ଶତାଧିକ ଭକ୍ତ, ଅନୁଗାମୀ ଓ ଜନସାଧାରଣ ଯୋଗଦେଇ ନାମ ସଂକୀର୍ତ୍ତନର ଆନନ୍ଦ ନେଇଥିଲେ। ସତସଙ୍ଗ ବିହାରର ପରିଚାଳନା ପରିଷଦ ଓ ଅନ୍ୟାନ୍ୟ କର୍ମକର୍ତ୍ତାଙ୍କ ସହାୟତାରେ ଉକ୍ତ ଉତ୍ସବ ସୁନ୍ଦର ଭାବେ ସମ୍ପନ୍ନ ହୋଇଥିଲା।

## ହରଚଣ୍ଡୀ ଉପ୍ରା ବିଦ୍ୟାଳୟରେ ପୁରସ୍କାର ବିତରଣ

ନିଶ୍ଚିନ୍ତକୋଇଲି, ୨୯।୧ (ସମିସ): ତରତ ପଞ୍ଚାୟତ ହରଚଣ୍ଡୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡା ଓ ପ୍ରତିଭା ବିକାଶ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷକ ବିରଞ୍ଚି ନାରାୟଣ ପାଣିଙ୍କ ପୌରହିତ୍ୟରେ ଏଥିରେ ମୁଖ୍ୟଅତିଥି ଭାବେ ସରପଞ୍ଚଙ୍କ ପ୍ରତିନିଧି ପ୍ରମୋଦ ପରିଡା, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ପ୍ରଧାନଶିକ୍ଷକ ଡ. ପ୍ରସନ୍ନ ଦାସ, ସମ୍ମାନୀତ ଅତିଥି ଭାବେ ଦିବ୍ୟଲୋଚନ ପଣ୍ଡା, ସିଆରସିସି ହରେକୃଷ୍ଣ ନାୟକ, ପ୍ରାକ୍ତନ ଶିକ୍ଷୟିତ୍ରୀ ପ୍ରମିଳା ବାରିକ, ସ୍କୁଲ ପରିଚାଳନା କମିଟି ସଭାପତି ଭରତ ବଳ, ଭାଗୀରଥି ଦାସ, ଭାରତୀ ପରିଡା ଯୋଗ ଦେଇଥିଲେ। ଶିକ୍ଷକ ଅନନ୍ତ ପଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ପ୍ରଭାସିନୀ ପଣ୍ଡା, ରୋଜି ପ୍ରିୟଦର୍ଶିନୀ ବେହେରା, ଜ୍ୟୋତିକାନ୍ତ ସାହୁ, ବିଶ୍ୱଜିତ୍ ସେଠୀ, ସୁଦୀପ ପ୍ରଧାନ, ଲୋପାମୁଦ୍ରା ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

ନିଶ୍ଚିନ୍ତକୋଇଲି, ୨୯।୧ (ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ନତକାଇଠାରେ ଥିବା ବଲ୍ଲଭୀ ଦେବୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀମାନଙ୍କ ଆତ୍ମସୁରକ୍ଷା ତାଲିମ୍ ଶିବିର ଉଦ୍‌ଘାଟିତ ହୋଇଛି। ଅଧ୍ୟାପକ ସୁବ୍ରତ କିଶୋର ସ୍ୱାଇଁଙ୍କ ସଭାପତିତ୍ୱରେ ଏଥିରେ ମୁଖ୍ୟଅତିଥି ଭାବେ ଡିଗ୍ରୀ କଲେଜ ଅଧ୍ୟକ୍ଷା ଡ. ପୁଷ୍ପିତା ଜେନା, ମୁଖ୍ୟବକ୍ତା ଭାବେ +୨ ଅଧ୍ୟକ୍ଷା ନିରୂପମା ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଅଧ୍ୟାପିକା ଡ. ରୀତା ଷଡଙ୍ଗୀ, ଅଧ୍ୟାପିକା ପ୍ରଭାତୀ ଭୂୟାଁ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଶିକ୍ଷକ ଭାବେ ସୁପ୍ରିୟା ପ୍ରିୟଦର୍ଶିନୀ ପଣ୍ଡା ଓ ସ୍ନେହଲତା ବଳ ଯୋଗ ଦେଇଥିଲା ବେଳେ ମୋଟ ୧୮ ୬ ଛାତ୍ରୀ ତାଲିମ ନେବାର କାର୍ଯ୍ୟକ୍ରମ ରହିଛି। ଛାତ୍ରୀ ରାଜସ୍ମିତା ବାରିକ ଧନ୍ୟବାଦ ଦେଇଥିଲେ।

# ମା' ଯୋଗେଶ୍ୱରୀ କ୍ଲବ୍‌ର ବାର୍ଷିକ ଉତ୍ସବ



ତିଗିରିଆ,୨୯।୧(ସମିସ): ତିଗିରିଆ ବ୍ଲକ ଅଧୀନ ଗୋଡିଝରିଆର ମା' ଯୋଗେଶ୍ୱରୀ କ୍ଲବର ୨୬ ତମ ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ପ୍ରତିଯୋଗିତାରେ କଟକ ଓ ଢେଙ୍କାନାଳ ଜିଲ୍ଲାର ୨୪ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ସମାଜସେବୀ ମାନସ ବସ୍ତିଆ ଉଦଘାଟନ କରିଥିବା ବେଳେ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ ସ୍ୱାଇଁ ଓ ଆଠଗଡ ବିଜେପି ନେତା ତଥା ବିଧାୟକ ପ୍ରାର୍ଥୀ ଅଭୟ ବାରିକ ଯୋଗଦେଇଥିଲେ। ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ପୁରସ୍କାର ବିତରଣ କରାଯାଇଥିଲା। ପ୍ରତିଯୋଗିତାରେ ଯୋଗେଶ୍ୱରୀ କ୍ଲବର ସଭାପତି ମନୋରଞ୍ଜନ ସାହୁ ସଭାପତିତ୍ୱ କରିଥିବା ବେଳେ ଶିକ୍ଷକ ଜିତେନ୍ଦ୍ର ସାହୁ, ଭିରୁଡା ପଞ୍ଚାୟତର ସରପଞ୍ଚ ବେଣୁଧର ସାହୁ, ପୂର୍ବତନ ଜିଲ୍ଲାପରିଷଦ ମାନସ ମଲ୍ଲିକ, ଗୋଡିଝରିଆ ଗ୍ରାମ୍ୟ କମିଟ ସଂପାଦକ, କୋଷାଧ୍ୟକ୍ଷ, ସମାଜସେବୀ ବଲ୍ଲଭ ପାତ୍ର, ଉଦୟନାଥ ସାହୁ, ଗୌରାଙ୍ଗ ସାହୁ, ଅମୀନ ସାହୁ, କ୍ଲବର କୋଷାଧ୍ୟକ୍ଷ ରତିକାନ୍ତ ସାହୁ, ରାଜକିଶୋର ସାହୁ, ଦୀପକ ବେହେରା, ପ୍ରଦୀପ ବାରିକ ଆଦି କ୍ଲବର ସଦସ୍ୟମାନେ ସହଯୋଗ କରିଥିଲେ। ସଂପାଦକ ଭାବଗ୍ରାହୀ ସାହୁ ଧନ୍ୟବାଦ ଦେଇଥିଲେ।

## କ୍ରିକେଟ ଟୁର୍ଣ୍ଣାମେଣ୍ଟ: ତରତ ଚାମ୍ପିଅନ




ନିଶ୍ଚିନ୍ତକୋଇଲି,୨୯।୧(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ବାଲିଆପଦା ଖଣ୍ଡସାହି କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆଶିଷ ମେମୋରିଆଲ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଫାଇନାଲରେ ବିଏମ୍ ୱାଲ୍ର୍ଡ କଟକ କ୍ରିକେଟ କ୍ଲବକୁ ଏକେସିସି ତରତ କ୍ରିକେଟ କ୍ଲବ ୭ ୱିକେଟ୍‌ରେ ହରାଇ ଚାମ୍ପିଅନ ହୋଇଛି। ପୁରସ୍କାର ବିତରଣୀ ଉତ୍ସବରେ ସୁଦାମ ଚରଣ ମଲିକ ସଂଯୋଜନା କରିଥିଲେ। ମୁଖ୍ୟଅତିଥି ଭାବେ ଉତ୍ସାହ ପରିବାରର ସଭାପତି ଦେବୋଶିଷ ବେଉରା, ସମ୍ମାନୀ ଅତିଥି ଭାବେ ଯୁବ ସ୍ୱେଚ୍ଛାସେବୀ ପ୍ରକାଶ ସ୍ୱାଇଁ, ସେକ୍ କାଦିର୍, ଦିପ୍ତିରଞ୍ଜନ ସ୍ୱାଇଁ ଯୋଗ ଦେଇଥିଲେ। ମାନସ ମଲିକ, କାହ୍ନୁଚରଣ ମଲିକ, ଦୀପକ ମଲିକ, ପ୍ରଶାନ୍ତ ସ୍ୱାଇଁଙ୍କ ସମେତ କ୍ଲବର ସମସ୍ତ ସଭ୍ୟ ସହଯୋଗ କରିଥିଲେ।

## କୋଳିଅଠା ପଞ୍ଚାୟତରେ ଜଳ ଅର୍ପଣ କାର୍ଯ୍ୟକ୍ରମ



ମାହାଙ୍ଗା,୨୯।୧(ସମିସ): ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଅଧୀନ ମେଗା ପାନୀୟଜଳ ପ୍ରକଳ୍ପ ମାଧ୍ୟମରେ ମାହାଙ୍ଗା ବ୍ଲକ ଅଧୀନ କୋଳିଅଠା ପଞ୍ଚାୟତରେ ଜଳ ଅର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମାହାଙ୍ଗା ବିଧାୟକ ସାରଦା ପ୍ରସାଦ ପ୍ରଧାନ ଜଳ ଯୋଗାଣର ଶୁଭାରମ୍ଭ କରିଥିଲେ। ଅନ୍ୟତମ ଅତିଥି ଭାବେ କଟକ ମଣ୍ଡଳ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଅଭିମନ୍ୟୁ ଦାସ, ବିଡ଼ିଓ ଶୁଭାଶିଷ ପାଲଟା ଏବଂ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶିକା ବନ୍ଦନା ଖଟୁଆ ଯୋଗଦେଇଥିଲେ। ଅଧୀକ୍ଷଣ ଯନ୍ତ୍ରୀ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳଖଣ୍ଡ କଟକ ରୌପ୍ୟରଞ୍ଜନ ବେହେରା ସଭାପତିତ୍ୱ କରିଥିଲେ। ଜିତେନ୍ଦ୍ର ଶତପଥୀ, ଭକ୍ତ ଚରଣ ସ୍ୱାଇଁ, ଉପାଧ୍ୟକ୍ଷ ନୃସିଂହ ମିଶ୍ର, ରମେଶ ସ୍ୱାଇଁ, ସୁରେଶ ବଳ, ଅଭିନ୍ନ ଜେନା, ଅରୁଣ ସେଠୀ, ନିର୍ମଳ ରାଉତ, ଅଶୋକ ଓଝା, ମନୋରଞ୍ଜନ ନାୟକ, ମନୋରଞ୍ଜନ ବିଶ୍ୱାଳ, ଅଶୋକ ବିଶ୍ୱାଳଙ୍କ ସମେତ ବହୁ ମହିଳା ଓ ଜନସାଧାରଣ ଉପସ୍ଥିତ ଥିଲେ। ଆସିଷ୍ଟାଣ୍ଟ ଇଂ ବୈଷ୍ଣବ ଚରଣ ମଲ୍ଲିକ ଧନ୍ୟବାଦ ଦେଇଥିଲେ।

## ପତିତପାବନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ: କୁମାରବସ୍ତ ଚାମ୍ପିଅନ

ତିଗିରିଆ,୨୯।୧(ସମିସ): ତିଗିରିଆ ବ୍ଲକ ଭୋଗଡ଼ା ପଞ୍ଚାୟତ ଅଧୀନ ଜଗଦୀଶ ୱାରିୟର କ୍ରିକେଟ କ୍ଲବ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ପତିତପାବନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି।



ଦୁଲ୍ଲାଦେବୀ ବାଳିକା ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଆୟୋଜିତ ଫାଇନାଲ ମ୍ୟାଚରେ ଅଟ୍ରିର ପତିତପାବନ କ୍ରିକେଟ କ୍ଲବ୍‌କୁ ୪ ୱିକେଟରେ ପରାସ୍ତ କରି ଖୋର୍ଦ୍ଧା କୁମାରବସ୍ତର ରାଇଜିଙ୍ଗ ଷ୍ଟାର କ୍ରିକେଟ କ୍ଲବ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଖେଳରେ ମୁଖ୍ୟଅତିଥି ଭାବେ ନୂଆପାଟଣା ସେବା ସମବାୟ ସମିତିର ସଭାପତି ଧ୍ରୁବଚରଣ ଦାସ, ଜେମାଦେଇପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ମେହବୁବ ଅହମ୍ମଦ ଖାଁ, ଭୋଗଡା ପଞ୍ଚାୟତ ସରପଞ୍ଚ ପ୍ରତିନିଧି ଅରୁଣ ନାୟକ, ସମାଜସେବୀ ପ୍ରଦୀପ ସାଥୁଆ, ଅବସରପ୍ରାପ୍ତ ସୈନିକ ରାଜକିଶୋର ବାରିକ, ରାଜ୍ୟ ବୟନିକା ବୋର୍ଡର ନିର୍ଦ୍ଦେଶକ କିଶୋର ଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇଥିଲେ। ଏମଡି ତାବରିଜ ମ୍ୟାନ ଅଫ ଦି ମ୍ୟାଚ, ଗିରିଶ ନାୟକ ମ୍ୟାନ ଅଫ ଦି ଟୁର୍ଣ୍ଣାମେଣ୍ଟ ହୋଇଥିଲେ। ଖେଳକୁ ଅନନ୍ତ ପ୍ରସାଦ ମହାନ୍ତି ଓ କେଶବ ମଙ୍ଗୁଆଳ ପରିଚାଳନା କରିଥିଲେ।

### ଆଠଗଡ଼ରେ ଦୋଳ ଓ ପଞ୍ଚୁଦୋଳ ଯାତ୍ରା ପ୍ରସ୍ତୁତି ବୈଠକ

# ମାନ୍ୟତା ଭେଟି ୧୭୦୦ ଟଙ୍କାକୁ ବୃଦ୍ଧି




ତିଗିରିଆ/ଆଠଗଡ଼,୨୯।୧(ସମିସ): ଆଠଗଡ଼ର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ରାଧାଗୋବିନ୍ଦ ଦେବଙ୍କ ପ୍ରସିଦ୍ଧ ଦୋଳ, ପଞ୍ଚୁଦୋଳ ଓ ହୋଲି ଯାତ୍ରାର ସୁପରିଚାଳନା ପାଇଁ ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମାଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ମାର୍ଚ୍ଚ ୨ ତାରିଖରେ ଚତୁର୍ଦ୍ଦଶୀ ଓ ୩ ତାରିଖରେ ଦୋଳ ପୂର୍ଣ୍ଣିମା ପଡୁଥିବାରୁ, ଫେବୃଆରୀ ୨୬ ତାରିଖରୁ ଶ୍ରୀଜୀଉମାନଙ୍କ "ଚାଚେରୀ' ଭୋଗ ଓ ନଗର ପରିକ୍ରମା ନୀତି ଆରମ୍ଭ ହେବ। ଏହି ଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ଦେବୋତ୍ତର ସଂସ୍ଥା ପକ୍ଷରୁ ମନ୍ଦିରର ରଙ୍ଗକାର୍ଯ୍ୟ, ଆଲୋକୀକରଣ ଓ ବିମାନ ସଜ୍ଜା ଉପରେ ଗୁରୁତ୍ୱ ଦିଆଯାଇଛି। ବିଶେଷ କରି ଚଳିତ ବର୍ଷ ପ୍ରତି ବିମାନ ପାଇଁ ମାନ୍ୟତା ଭେଟି ରାଶିକୁ ୧୫୦୦ ଟଙ୍କାରୁ ୧୭୦୦ ଟଙ୍କାକୁ ବୃଦ୍ଧି କରାଯିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଯାତ୍ରା ସମୟରେ ସହରର ପରିମଳ ବ୍ୟବସ୍ଥା ଓ ଆଲୋକୀକରଣ ପାଇଁ ଏନଏସି କର୍ତ୍ତୃପକ୍ଷଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ପଞ୍ଚୁଦୋଳ ସମୟରେ ମଦ ଦୋକାନ ବନ୍ଦ ରଖିବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ହୋଲିରେ ରାସାୟନିକ ରଙ୍ଗ ବ୍ୟବହାର ଉପରେ କଟକଣା ଜାରି କରାଯିବା ସହ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୁଲିସ ପ୍ରଶାସନ ସଜାଗ ରହିବାକୁ କୁହାଯାଇଛି। ଏହି ବୈଠକରେ ଥାନାଧିକାରୀ ସୁମତୀ ମହାନ୍ତି, ସହକାରୀ ଜିଲ୍ଲାପାଳ ମାନସ ରଞ୍ଜନ ବେହେରା, ମୁଖ୍ୟ ପୂଜକ ସୁବାସଚନ୍ଦ୍ର ପଣ୍ଡା ଓ ସଂକୀର୍ତ୍ତନ ମଣ୍ଡଳୀର କର୍ମକର୍ତ୍ତାଙ୍କ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ରହି ସକ୍ରିୟ ସହଯୋଗ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଦେବୋତ୍ତର ସୁପରଭାଇଜର ଭବାନୀ ଶଙ୍କର ପଣ୍ଡା କାର୍ଯ୍ୟକ୍ରମଟିକୁ ସଂଯୋଜନା କରିଥିଲେ।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୯୧.୭୯
- ପାଉଣ୍ଡ ୧୨୭.୧୪
- ୟୁରୋ ୧୧୦.୧୮
- ୟେନ୍ ୦.୫୭

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)

- ସୁନା: ୧,୬୨,୯୫୦ (ଭୁବନେଶ୍ୱର)
- ରୁପା : ୪,୧୭,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)

- ସେନ୍ସେକ୍ସ ୮୨,୫୬୬.୦୦
- ନିଫ୍ଟି ୨୫,୪୧୮.୦୦



## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



## ଅର୍ଥନୈତିକ ସର୍ଭେ ୨୦୨୫-୨୬

# ଧିମା ଅଭିବୃଦ୍ଧିର ଆଭାସ

ନୂଆଦିଲ୍ଲୀ,୨୯।୧(ଏଜେନ୍ସି): ରବିବାର ବଜେଟ ଆଗତ ହେବା ପୂର୍ବରୁ ଆଜି ଆସିଛି ଅର୍ଥନୈତିକ ସର୍ଭେ ୨୦୨୫-୨୬ ରିପୋର୍ଟ। କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ ଆଜି ସଂସଦରେ ଏହି ରିପୋର୍ଟ ଆଗତ କରିଛନ୍ତି। ସର୍ଭେ ରିପୋର୍ଟରେ ଦେଶର ଆର୍ଥିକ ସ୍ୱାସ୍ଥ୍ୟ ଉପରେ,କ ବିସ୍ତୃତ ରିପୋର୍ଟ ପ୍ରକାଶ ପାଇଛି। ହେଲେ ସର୍ଭେରୁ ଦେଶର ଅର୍ଥନୀତିରେ ଧିମା ଅଭିବୃଦ୍ଧିର ଆଭାସ ମିଳିଛି। ଏଥିରେ ୨୦୨୫-୨୬ ଆର୍ଥିକବର୍ଷରେ ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ହାର ୭.୪% ରହିବା ନେଇ ଆକଳନ କରାଯାଇଛି। ହେଲେ ୨୦୨୬-୨୭ ଆର୍ଥିକବର୍ଷ ନିମନ୍ତେ ଜିଡିପି ହାର ୬.୮ରୁ ୭.୨% ମଧ୍ୟରେ ରହିବ ବୋଲି କୁହାଯାଇଛି। ଅର୍ଥାତ୍ ୨୦୨୫-୨୬ ଆର୍ଥିକବର୍ଷ ତୁଳନାରେ ୨୦୨୬-୨୭ରେ ଅଭିବୃଦ୍ଧି ହାରରେ ହ୍ରାସ ଘଟିବାକୁ ଯାଉଥିବା ଜଣାପଡିଛି।





### ୨୦୨୬-୨୭ରେ ୬.୮%କୁ ଖସିବ ଜିଡିପି

### ଗବେଷଣା, ବିକାଶକୁ ନେଇ ଚିନ୍ତା ପ୍ରକଟ

### ଭାରତରେ ଶିଳ୍ପ ଗବେଷଣା କମ୍

ସର୍ଭେରେ ନିଯୁକ୍ତି ସମ୍ପର୍କରେ ସକାରାତ୍ମକ ତଥ୍ୟ ଉପସ୍ଥାପନ କରାଯାଇଛି। ରିପୋର୍ଟ ଅନୁଯାୟୀ, ୧୫ ବର୍ଷ ଏବଂ ତଦୁର୍ଦ୍ଧ୍ୱ ବୟସର ଲୋକଙ୍କ ପାଇଁ ବେକାରୀ ହାର ସ୍ଥିର ଭାବରେ ହ୍ରାସ ପାଇଛି, ଯାହା ୨୦୧୭-୧୮ରେ ୬% ଥିଲା ଏବଂ ୨୦୨୩-୨୪ରେ ୩.୨%କୁ ହ୍ରାସ ପାଇଛି। ଏହାସହିତ, ସହରାଞ୍ଚଳ ବେକାରୀ ହାରରେ ମଧ୍ୟ ସାମାନ୍ୟ ଉନ୍ନତି ଦେଖାଯାଇଛି। ଏଥିରେ ସରକାରଙ୍କ ଧ୍ୟାନ ଭିତ୍ତିଭୂମି ଏବଂ ସୁରକ୍ଷା ଉପରେ ରହିଥିବା କୁହାଯାଇଛି। ତଥ୍ୟ ଅନୁଯାୟୀ, ଗତ ବର୍ଷ ସରକାର କେବଳ ତିନି କ୍ଷେତ୍ର ଯଥା, ପ୍ରତିରକ୍ଷା, ରେଳବାଇ ଏବଂ ସଡ଼କ ପରିବହନରେ ମୋଟ ପୁଞ୍ଜି ବ୍ୟୟର ୭୫% ଖର୍ଚ୍ଚ କରିଥିଲେ। ଦେଶର ସେବା କ୍ଷେତ୍ର ବିଦେଶୀ ନିବେଶରେ ନେତୃତ୍ୱ ନେଇଥିଲା, ଯାହା ମୋଟ ଇକ୍ୱିଟି ପ୍ରବାହର ୧୯.୧% ପାଇଥିଲା। ଏଥିରେ କମ୍ପ୍ୟୁଟର ସଫ୍ଟୱେର୍ ଏବଂ ହାର୍ଡୱେରର ଦବ୍‌ଦବା ରହିଥିଲା। ତଥାପି, ଗବେଷଣା ଏବଂ ବିକାଶ ବିଷୟରେ ଚିନ୍ତା ପ୍ରକାଶ ପାଇଛି। ସର୍ଭେରେ କୁହାଯାଇଛି ଯେ ଭାରତରେ ଶିଳ୍ପ ଗବେଷଣା କମ୍ ଏବଂ ଏହା ମୁଖ୍ୟତଃ ଔଷଧ, ଆଇଟି ଏବଂ ପ୍ରତିରକ୍ଷା କ୍ଷେତ୍ର ପର୍ଯ୍ୟନ୍ତ ସୀମିତ। ଏଥିରେ ସମ୍ପ୍ରସାରଣ ଆବଶ୍ୟକ। ଏହି ଏହି ଅର୍ଥନୈତିକ ସର୍ଭେ ରିପୋର୍ଟରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ନିଷ୍କର୍ଷ ପ୍ରକାଶ ପାଇଛି। ପ୍ରଥମତଃ, ଭାରତ ଏବେ ଜାପାନକୁ ପଛରେ ପକାଇ ବିଶ୍ୱର ଚତୁର୍ଥ ବୃହତ ଅର୍ଥନୀତି ପାଲଟିଛି। ଦ୍ୱିତୀୟତଃ, ଅନେକ ଆହ୍ୱାନ ସତ୍ତ୍ୱେ, ଭାରତୀୟ ଅର୍ଥନୀତି ଦ୍ରୁତ ଗତିରେ ୪ ଟ୍ରିଲିୟନ ଡଲାର ସୀମା ଅତିକ୍ରମ କରିବା ଆଡ଼କୁ ଅଗ୍ରସର ହେଉଛି। ସର୍ଭେରେ ସ୍ପଷ୍ଟ ଭାବରେ ଉଲ୍ଲେଖ କରାଯାଇଛି ଯେ ବିଶ୍ୱ ପରିସ୍ଥିତି ଆଉ ସମାନ ନାହିଁ। ଏଥିରେ ସବୁଠାରୁ ବଡ଼ ଚିନ୍ତା ଆମେରିକାକୁ ନେଇ ରହିଥିବା କୁହାଯାଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତୀୟ ରପ୍ତାନି ଉପରେ ୫୦% ପର୍ଯ୍ୟନ୍ତ ଶୁଳ୍କ (ଆମଦାନୀ ଶୁଳ୍କ) ଲାଗୁ କରିଛନ୍ତି। ଏହା ଭାରତର ବୟନଶିଳ୍ପ, ମଣି ଏବଂ ଅଳଙ୍କାର ଏବଂ ଚମଡା କ୍ଷେତ୍ର ଉପରେ ସବୁଠାରୁ ଖରାପ ପ୍ରଭାବ ପକାଇଛି। ହେଲେ ସର୍ଭେରେ ଏହା ସ୍ୱୀକାର କରାଯାଇଛି ଯେ ଏକ ଶକ୍ତିଶାଳୀ ଅର୍ଥନୀତି ସତ୍ତ୍ୱେ, ଦେଶଗୁଡ଼ିକ ଆଜି ମୁଦ୍ରା ଏବଂ ବିଶ୍ୱ ବଜାର ଅସ୍ଥିରତାର ସମ୍ମୁଖୀନ ହେଉଛନ୍ତି। ବିଶ୍ୱସ୍ତରୀୟ ଆହ୍ୱାନ ସତ୍ତ୍ୱେ, ଭାରତ ସ୍ଥିର ରହିଛି। ଏହାର ମୁଖ୍ୟ କାରଣଗୁଡ଼ିକ ହେଉଛି, ଉତ୍ପାଦନରେ ବୃଦ୍ଧି, ଶସ୍ତା ଋଣ ଏବଂ ଜିଏସ୍‌ଟିରେ ହ୍ରାସ।

ତେବେ ସର୍ଭେ ଏହା ମଧ୍ୟ ସୂଚାଇଛି ଯେ ଆମେରିକା ସହିତ ଅଟକି ରହିଥିବା ବାଣିଜ୍ୟ ଚୁକ୍ତି ଏବଂ ସେଠାରେ ଶୁଳ୍କ ବୃଦ୍ଧି ଯୋଗୁଁ ଭାରତ ତାର ରଣନୀତି ବଦଳାଇଛି। ଭାରତ ୟୁରୋପୀୟ ସଂଘ ସହିତ ଏକ ଐତିହାସିକ ବାଣିଜ୍ୟ ଚୁକ୍ତି ଶେଷ କରିଛି। ଏହା ବ୍ୟତୀତ, ୟୁକେ, ନ୍ୟୁଜିଲ୍ୟାଣ୍ଡ ଏବଂ ଓମାନ ସହିତ ଚୁକ୍ତି । ଭାରତ ଆଉ କେବଳ ଗୋଟିଏ ଦେଶ (ଯୁକ୍ତରାଷ୍ଟ୍ର) ଉପରେ ନିର୍ଭରଶୀଳ ରହିବନାହିଁ। ସରକାର ସ୍ପଷ୍ଟ କରିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଲକ୍ଷ୍ୟ ହେଉଛି ୨୦୪୭ ସୁଦ୍ଧା ଭାରତକୁ ଏକ 'ବିକଶିତ ରାଷ୍ଟ୍ର' କରିବା, ଏଥିପାଇଁ ୮% ଅଭିବୃଦ୍ଧି ଆବଶ୍ୟକ। ବର୍ତ୍ତମାନ, ସରକାରଙ୍କ ଧ୍ୟାନ ୫ ଟ୍ରିଲିୟନ ଡଲାର ଅର୍ଥନୀତି ଲକ୍ଷ୍ୟକୁ ଯଥାଶୀଘ୍ର ହାସଲ କରିବା ପାଇଁ ସଂସ୍କାର ଉପରେ ରହିଛି।

## ଅର୍ଥନୈତିକ ସର୍ଭେ ରିପୋର୍ଟ ମୁଖ୍ୟାଂଶ





- ୨୦୨୫-୨୬ରେ ଜିଡିପି ଅଭିବୃଦ୍ଧି ୭.୪ ପ୍ରତିଶତ
- ୨୦୨୭ ଆର୍ଥିକବର୍ଷ ପାଇଁ ବାସ୍ତବ ଅଭିବୃଦ୍ଧି ୬.୮ରୁ ୭.୨% ରହିବ
- ସାମଗ୍ରୀ ରପ୍ତାନି ଦ୍ୱିଗୁଣିତ
- ବହୁମୁଖୀ ଦାରିଦ୍ର୍ୟ ସୂଚକାଙ୍କ ୨୦୨୨-୨୩ରେ ୧୧.୨୮%କୁ ହ୍ରାସ
- ବିଶ୍ୱ ପରିବେଶ ଦୁର୍ବଳ ସତ୍ତ୍ୱେ ଭାରତୀୟ ଅର୍ଥ ବ୍ୟବସ୍ଥା ବଢ଼ୁଛି
- ସେବା କ୍ଷେତ୍ର ଅଭିବୃଦ୍ଧିର ପ୍ରମୁଖ ବାହକ
- ଏନପିଏ ବହୁ ଦଶନ୍ଧିର ସର୍ବନିମ୍ନ ସ୍ତର ୨.୨%କୁ ହ୍ରାସ
- ପବ୍ଲିକ୍ ସରକାରୀ ଋଣ-ପ୍ରତି-ଜିଡିପି ଅନୁପାତରେ ୭.୧% ହ୍ରାସ
- ଅନୁସୂଚିତ ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକର ସମ୍ପତ୍ତି ଗୁଣବତ୍ତାରେ ଉଲ୍ଲେଖନୀୟ ଉନ୍ନତି
- ଭାରତରେ ସର୍ବନିମ୍ନ ମୁଦ୍ରାସ୍ଫୀତି ହାର ରେକର୍ଡ
- ବିଶ୍ୱସ୍ତରରେ ମାନ୍ଦାବସ୍ଥା ସତ୍ତ୍ୱେ ଶିଳ୍ପ ଗତିବିଧିରେ ୭.୦ ପ୍ରତିଶତ ଅଭିବୃଦ୍ଧି
- ଭାରତ ବିଶ୍ୱର ସର୍ବବୃହତ ସ୍କୁଲ ଶିକ୍ଷା ବ୍ୟବସ୍ଥା ମଧ୍ୟରୁ ଗୋଟିଏ
- ମାତୃ ମୃତ୍ୟୁହାର ୮୬ ପ୍ରତିଶତ ରେକର୍ଡ ହ୍ରାସ

# ବୈଶ୍ୱିକ ଅନିଶ୍ଚିତତା ସତ୍ତ୍ୱେ ଇକ୍ୱିଟି ବଜାର ଦୃଢ଼ ଓ ଗତିଶୀଳ

ନୂଆଦିଲ୍ଲୀ,୨୯।୧(ଏଜେନ୍ସି): ବାଣିଜ୍ୟ ନୀତିରେ କ୍ରମାଗତ ପରିବର୍ତ୍ତନ ଏବଂ ବୃଦ୍ଧି ପାଉଥିବା ଭୂ-ରାଜନୈତିକ ଅନିଶ୍ଚିତତା ମଧ୍ୟରେ ଭାରତର ଇକ୍ୱିଟି ବଜାର ସହାୟକ ନୀତି, ବୃହତ ଅର୍ଥନୈତିକ ପରିସ୍ଥିତି ଏବଂ ସ୍ଥାୟୀ ଘରୋଇ ନିବେଶକଙ୍କ ଅଂଶଗ୍ରହଣର ପାରସ୍ପରିକ କ୍ରିୟାକୁ ପ୍ରତିଫଳିତ କରି ଗତିଶୀଳ ପ୍ରଦର୍ଶନ କରିଛି। ବ୍ୟକ୍ତିଗତ ଆୟକରରେ ହ୍ରାସ, ଜିଏସଟିରେ ପରିବର୍ତ୍ତନ, ମୁଦ୍ରା ନୀତିକୁ ସହଜ କରିବା ଏବଂ ମୁଦ୍ରାସ୍ଫୀତି ହ୍ରାସ କରିବା ସହିତ ଆର୍ଥିକ ବର୍ଷ ୨୬ର ଦ୍ୱିତୀୟ ତ୍ରୈମାସିକରେ କର୍ପୋରେଟ୍ ପ୍ରଦର୍ଶନରେ ଉନ୍ନତି ସମେତ ଅନେକ ପଦକ୍ଷେପ ଆର୍ଥିକ ବର୍ଷ ୨୦୨୫-୨୬ ସମୟରେ ବଜାରକୁ ସମର୍ଥନ କରିଥିବା ଆଜି ଉପସ୍ଥାପିତ ଆର୍ଥିକ ସର୍ଭେ ରିପୋର୍ଟରୁ ଜଣାପଡ଼ିଛି। ଭାରତର ଆର୍ଥିକ ପରିସଂସ୍ଥାର ଶକ୍ତି ନିଫ୍ଟି ୫୦ ଏବଂ ବିଏସଇ ସେନସେକ୍ସ ଏପ୍ରିଲ-ଡିସେମ୍ବର ୨୦୨୫ ମଧ୍ୟରେ ଯଥାକ୍ରମେ ପ୍ରାୟ ୧୧.୧% ଏବଂ ୧୦.୧% ଲାଭ ପଞ୍ଜିକୃତ କରିଛନ୍ତି। ଆର୍ଥିକବର୍ଷ ୨୬ରେ (ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ) ପ୍ରାଥମିକ ବଜାର ନମନୀୟ ଏବଂ ସକ୍ରିୟ ରହିଥିଲା, ଇନିସିଆଲ ପବ୍ଲିକ ଅଫର (ଆଇପିଓ) ପ୍ରଦାନରେ ବିଶ୍ୱରେ ଅଗ୍ରଣୀ ରହିଥିଲା । ଆର୍ଥିକ ବର୍ଷ ୨୬ରେ (ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ) ଆଇପିଓ ପରିମାଣ ଆର୍ଥିକ ବର୍ଷ ୨୫ ତୁଳନାରେ ୨୦% ଅଧିକ ଥିଲା, ଏବଂ ଏକତ୍ରିତ ହୋଇଥିବା ପରିମାଣ ଆର୍ଥିକ ବର୍ଷ ୨୫ର ସମାନ ଅବଧି ତୁଳନାରେ ୧୦ ପ୍ରତିଶତ ଅଧିକ ଥିଲା।

ଆର୍ଥିକ ବର୍ଷ ୨୬ ମଧ୍ୟରେ (ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ), ୨୩୫ ଲକ୍ଷ ଡିମାଟ୍ ଆକାଉଣ୍ଟ ଯୋଡ଼ା ଯାଇଥିଲା, ଯାହା ମୋଟ ସଂଖ୍ୟାକୁ ୨୧.୬ କୋଟିରୁ ଅଧିକ କରିଦେଇଥିଲା। ସେପ୍ଟେମ୍ବର ୨୦୨୫ ରେ ଅନନ୍ୟ ନିବେଶକମାନଙ୍କ ପାଇଁ ୧୨ କୋଟି ସୀମା ଅତିକ୍ରମ କରିବା ଏକ ପ୍ରମୁଖ ମାଇଲଖୁଣ୍ଟ ଥିଲା, ଯେଉଁଥିରେ ପ୍ରାୟ ଏକ ଚତୁର୍ଥାଂଶ ମହିଳା ଥିଲେ। ଡିସେମ୍ବର ୨୦୨୫ ଶେଷ ସୁଦ୍ଧା ୫.୯ କୋଟି ଅନନ୍ୟ ନିବେଶକଙ୍କ ସହିତ ମ୍ୟୁଚୁଆଲ୍ ଫଣ୍ଡ ବଜାର ମଧ୍ୟ ସମ୍ପ୍ରସାରିତ ହୋଇଥିଲା, ଯେଉଁଥିରୁ ୩.୫ କୋଟି (ନଭେମ୍ବର ୨୦୨୫ ସୁଦ୍ଧା) ଅଣ-ସ୍ତରୀୟ- ୧ମ ବର୍ଗ ଏବଂ ୨ୟ ବର୍ଗର ସହରରୁ ଥିଲେ। ଅର୍ଥନୈତିକ ସର୍ଭେରେ ଆହୁରି ମଧ୍ୟ ଉଲ୍ଲେଖ କରାଯାଇଛି ଯେ, ଏକଦା ଘରୋଇ ବାଲାନ୍ସସିଟର ସହାୟକ ଥିବା ଇକ୍ୱିଟି ନିବେଶ, ବ୍ୟାପକ ଅଂଶଗ୍ରହଣ ଏବଂ ଅଧିକ ବିବିଧ ସୁବିଧା ଦ୍ୱାରା ସମର୍ଥିତ ହୋଇ ଆର୍ଥିକ ସମ୍ପତ୍ତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶବିଶେଷରେ ପରିଣତ ହୋଇଛି। ଇକ୍ୱିଟି ବଜାରରେ ବ୍ୟକ୍ତିବିଶେଷଙ୍କ ପ୍ରତ୍ୟକ୍ଷ ଅଂଶ କେବଳ ଧୀରେ ଧୀରେ ବୃଦ୍ଧି ପାଇଥିବାବେଳେ, ଆର୍ଥିକ ବର୍ଷ ୨୦୧୪ ରେ ମାତ୍ର ୮ ପ୍ରତିଶତରୁ ସେପ୍ଟେମ୍ବର ୨୦୨୫ ସୁଦ୍ଧା ପ୍ରାୟ ୯.୬ ପ୍ରତିଶତକୁ ବୃଦ୍ଧି ପାଇଛି, ପରୋକ୍ଷ ଅଂଶ ସମାନ ଅବଧିରେ ପ୍ରାୟ ତିନିଗୁଣ ବୃଦ୍ଧି ପାଇ ୯.୨ ପ୍ରତିଶତରେ ପହଞ୍ଚିଛି।

# ପଙ୍ଗୁ କରିଦେଉଛି ଡିଜିଟାଲ ନିଶା; ଭୁଶୁଡ଼ିବ ଭାରତର ଭବିଷ୍ୟତ

ନୂଆଦିଲ୍ଲୀ, ୨୯।୧ (ଏଜେନ୍ସି): ଦେଶରେ ସମ୍ପ୍ରତି ସ୍ମାର୍ଟଫୋନ୍, ସୋସିଆଲ ମିଡିଆ, ଗେମିଂ ଏବଂ ଅନଲାଇନ୍ ପ୍ଲାଟଫର୍ମଗୁଡ଼ିକର ଅତ୍ୟଧିକ ବ୍ୟବହାର କରାଯାଉଛି। ବିଶେଷକରି ଛୋଟ ପିଲା ଏବଂ ବର୍ତ୍ତମାନର ଯୁବପିଢ଼ି ଏଥିରେ ଆକ୍ରାନ୍ତ। ଦେଶର ଭବିଷ୍ୟତମାନେ ଏବେ ଏହି ସୋସିଆଲ୍ ମିଡିଆ ଭଳି ଡିଜିଟାଲ୍ ନିଶାରେ ପୀଡିତ, ଯାହା ସେମାନଙ୍କଠାରେ ସ୍କ୍ରିନ୍-ସମ୍ବନ୍ଧୀୟ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରୁଛି। ଏହାଦ୍ୱାରା ସୁସ୍ଥତା, ଶିକ୍ଷଣ ଫଳାଫଳ ଏବଂ ଦୀର୍ଘକାଳୀନ ଆର୍ଥିକ ଉତ୍ପାଦକତା ଉପରେ ଗଭୀର ପ୍ରଭାବ ପଡ଼ିବା ଆରମ୍ଭ ହୋଇଛି। ଏହା ବର୍ତ୍ତମାନ ସରକାରଙ୍କ ପାଇଁ ବଡ଼ ମୁଣ୍ଡ ବିନ୍ଧାର କାରଣ ପାଲଟିଛି। ଗୁରୁବାର ସଂସଦରେ ଉପସ୍ଥାପିତ ଅର୍ଥନୈତିକ ସର୍ଭେ ରିପୋର୍ଟରେ ଯୁବପିଢ଼ିଙ୍କ ଦ୍ୱାରା ଏପରି ଟ୍ରେଣ୍ଡକୁ ଅନୁସରଣ କରିବା ଦେଶକୁ ଏକ ଭୟଙ୍କର ପରିସ୍ଥିତି ଆଡ଼କୁ ଟାଣି ନେଉଛି ବୋଲି ଚେତାବନୀ ଦିଆଯାଇଛି।

ଅର୍ଥନୈତିକ ସର୍ଭେ ୨୦୨୫-୨୬ ରିପୋର୍ଟରେ ପିଲାଙ୍କ ମଧ୍ୟରେ ଦେଖାଯାଉଥିବା ସୋସିଆଲ୍ ମିଡିଆ ନିଶାକୁ ଗୁରୁତ୍ୱର ସହ ନିଆଯାଇଛି। ଏଥିପାଇଁ ଚିନ୍ତା, ବିଷାଦ, କମ ଆତ୍ମସମ୍ମାନ, ସାଇବର ଧମକର ଚାପ ଏବଂ ଆତ୍ମହତ୍ୟା ଭଳି ମାମଲା ବଢୁଛି ବୋଲି କୁହାଯାଉଛି। ବହୁବିଧ ଭାରତୀୟ ଏବଂ ବିଶ୍ୱସ୍ତରୀୟ ଅଧ୍ୟୟନରୁ ଏହା ଜଣାପଡ଼ିଛି ଯେ ୧୫ ରୁ ୨୪ ବର୍ଷ ବୟସର ଯୁବକମାନଙ୍କ ମଧ୍ୟରେ ଏହି ସମସ୍ୟାଗୁଡ଼ିକ ଅଧିକ ଦେଖାଯାଉଛି ବୋଲି ଉଲ୍ଲେଖ କରାଯାଇଛି। କେନ୍ଦ୍ର ସରକାରଙ୍କ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଭି. ଅନନ୍ତ ନାଗେଶ୍ୱରନଙ୍କ ପ୍ରସ୍ତୁତ ଏହି ରିପୋର୍ଟରେ କୁହାଯାଇଛି , ଡିଜିଟାଲ୍ ଏଡିକ୍ସନକୁ ଡିଜିଟାଲ୍ ଡିଭାଇସ୍ ଏବଂ ଅନଲାଇନ୍ କାର୍ଯ୍ୟକଳାପର ନିରନ୍ତରତା, ଅତ୍ୟଧିକ କିମ୍ବା ବାଧ୍ୟତାମୂଳକ ବ୍ୟବହାରର ଏକ ପେଟର୍ଣ୍ଣ ବୋଲି କୁହାଯାଇଛି। ଯେଉଁଥିରେ ମାନସିକ ଯନ୍ତ୍ରଣା ଏବଂ କାର୍ଯ୍ୟକ୍ଷମତାରେ

### ସମସ୍ତେ ସୋସିଆଲ୍ ମିଡିଆରେ ବ୍ୟସ୍ତ, କେମିତି ବାହାରିବେ ପ୍ରତିଭା?

### ସର୍ଭେ ରିପୋର୍ଟରେ ଚିନ୍ତା ପ୍ରକଟ



ସୃଷ୍ଟି ହେଉଥିବା ସମସ୍ୟା ସୃଷ୍ଟି ହୋଇପାରେ ବୋଲି କୁହାଯାଇଛି। ରିପୋର୍ଟ ଅନୁସାରେ, ଏଭଳି ଆଚରଣ ପିଲାଙ୍କ ମଧ୍ୟରେ ଧ୍ୟାନ କେନ୍ଦ୍ରିତ କରିବାର ଲକ୍ଷ୍ୟଣ, ନିଦ୍ରାହୀନତା, ଚିନ୍ତା, ପାଠପଢ଼ା ଓ କାମ କରିବା ଦିଗରେ ବାଧା ସୃଷ୍ଟି କରିଥାଏ। ସମୟ ଗଡ଼ିବା ସହିତ ଏହି ଅଭ୍ୟାସ ଯୋଗୁ ପିଲା କୌଣସି ସମୂହ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିପାରେ ନାହିଁ। ପିଲାର ଅଫଲାଇନ୍ ସାମାଜିକ ଦକ୍ଷତାକୁ ହ୍ରାସ ପାଏ। ଡିଜିଟାଲ ନିଶା ଦ୍ୱାରା କେବଳ ଯେ ପିଲାର ବ୍ୟକ୍ତିଗତ ଓ ସାମାଜିକ କ୍ଷତି ହେଉଛି ତାହା ନୁହେଁ, ଦେଶର ଅର୍ଥନୀତି ଉପରେ ଏହା କିଭଳି ଦୀର୍ଘବ୍ୟାପୀ ପ୍ରଭାବ ପକାଉଛି, ତାହା ମଧ୍ୟ ରିପୋର୍ଟରେ ଦର୍ଶା ଯାଇଛି। ଏକାଧିକ ଅନ୍ଲାଇନ ଖର୍ଚ୍ଚ, ଗେମିଂ ଏବଂ ସାଇବର ଠକେଇ ଆଦି ସିଧାସଳକ ଆର୍ଥିକ କ୍ଷତି ସହିତ ପିଲା ଭିତରେ ନିଯୁକ୍ତିକ୍ଷମତା ହ୍ରାସ, ଉତ୍ପାଦକତା ହ୍ରାସ, ଏବଂ ଜୀବନବ୍ୟାପୀ ରୋଜଗାର ହ୍ରାସ ପାଇବା ଆଦି ପରୋକ୍ଷ ଆର୍ଥିକ କ୍ଷତି ହେଉଛି ବୋଲି ରିପୋର୍ଟରେ କୁହାଯାଇଛି। ସର୍ଭେରେ ଉଲ୍ଲେଖ କରାଯାଇଛି ଯେ, ବାଧ୍ୟତାମୂଳକ ଡିଜିଟାଲ୍ ବ୍ୟବହାର ପିଲାଙ୍କ ମଧ୍ୟରେ ଚିନ୍ତା, ଚାପ, ଅବସାଦ ଏବଂ ନିଦ୍ରାହୀନତା ଭଳି ରୋଗ ତିଆରି କରୁଛି। ବିଶେଷକରି ଶିକ୍ଷାଗତ ଚାପ ଥିବା ଛାତ୍ରମାନଙ୍କ ମଧ୍ୟରେ ଏବଂ ସାଇବର ଧମକ ଏବଂ ଉଚ୍ଚ-ଉତ୍ତେଜକ ଡିଜିଟାଲ୍ ପ୍ଲାଟଫର୍ମର ସମ୍ମୁଖୀନ ହେଉଥିବା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଏହି ସମସ୍ୟା ଅଧିକ ସୃଷ୍ଟି ହେଉଛି।

ପିଲାମାନଙ୍କ ମଧ୍ୟରେ ଡିଜିଟାଲ ବ୍ୟବସ୍ଥାରେ ବ୍ୟସ୍ତ ରହିବାର ନିଶା ବଢ଼ିଚାଲିଛି। ୨୦୨୪ରେ ପାଖାପାଖି ଭାରତର ଅଧା ଲୋକ ଇଣ୍ଟରନେଟ୍‌ରେ ଅନ୍‌ଲାଇନ ଭିଡିଓ ଦେଖିବାରେ ବିତାଇଥିଲେ। ସେହିପରି ୪୩% ସୋସିଆଲ ମିଡିଆ, ଶୂନ ପ୍ରତିଶତ ଇ-ମେଲ ଓ ଷ୍ଟ୍ରିମିଂ ମ୍ୟୁଜିକ ଏବଂ ୨୬% ଡିଜିଟାଲ ପେମେଣ୍ଟ ବ୍ୟବହାର କରିଥିଲେ। ମୋଟାମୋଟି ଦେଶର ମୋଟ ୟୁଜରଙ୍କ ମଧ୍ୟରେ ୪୦ କୋଟି ୟୁଜର ଓଟିଟି ଭିଡିଓ ଓ ଫୁଡ ଡେଲିଭରି ପ୍ଲାଟଫର୍ମରେ ୪୦ କୋଟି ୟୁଜର୍ସ ଏବଂ ସୋସିଆଲ୍ ମିଡିଆରେ ୩୫ କୋଟି ୟୁଜର୍ସ ଥିଲେ। ତେଣୁ ଭାରତର ଯୁବପିଢ଼ି ଏକ ତୀବ୍ର ଡିଜିଟାଲ୍ ପରିବେଶରେ ବଢୁଥିବା ଜଣାପଡୁଛି ବୋଲି ସର୍ଭେରେ କୁହାଯାଇଛି। ଏସବୁ ସମସ୍ୟାକୁ ରୋକିବା ପାଇଁ ନୀତି ଆଣିବାକୁ ସର୍ଭେରେ ଗୁରୁତ୍ୱ ଦିଆଯାଇଛି। ଆଚରଣଗତ ସ୍ୱାସ୍ଥ୍ୟ ଚିନ୍ତା(ବିହେଭରାଲ ହେଲ୍ଥ କନଶର୍ନ), ନିଶା ବିପଦ(ଆଡିକ୍ସନ ରିସ୍କ), ବିଷୟବସ୍ତୁ ମାନ(କଣ୍ଟେଣ୍ଟ କ୍ୱାଲିଟି), ସୁସ୍ଥତା ପ୍ରଭାବ(ୱେଲବିଂ ଇମ୍ପାକ୍ଟ) ଏବଂ ଡିଜିଟାଲ୍ ସ୍ୱଚ୍ଛତା ଆଡ଼କୁ ଧ୍ୟାନରେ ରଖି ନୀତି ତିଆରି ହେବା ଆବଶ୍ୟକ ବୋଲି ସର୍ଭେରେ କୁହାଯାଇଛି। ଏଥିରେ ସାଇବର-ସୁରକ୍ଷା ଶିକ୍ଷା, ସହକର୍ମୀ-ପରାମର୍ଶଦାତା କାର୍ଯ୍ୟକ୍ରମ, ସ୍କୁଲରେ ବାଧ୍ୟତାମୂଳକ ଶାରୀରିକ କାର୍ଯ୍ୟକଳାପ, ସ୍କ୍ରିନ-ଟାଇମ୍ ପରିଚାଳନା ଉପରେ ଅଭିଭାବକଙ୍କ ତାଲିମ, ବୟସ-ଉପଯୁକ୍ତ ଡିଜିଟାଲ୍ ପ୍ରବେଶ ନୀତି ଏବଂ କ୍ଷତିକାରକ ବିଷୟବସ୍ତୁ ହୋଷ୍ଟ କରୁଥିବା ଅନଲାଇନ୍ ପ୍ଲାଟଫର୍ମ ପାଇଁ ଅଧିକ ଉତ୍ତରଦାୟିତ୍ୱ ନିର୍ଦ୍ଧାରଣ କରିବା ଆଦି ରହିବା ଉଚିତ୍ ବୋଲି ପରାମର୍ଶ ଦିଆଯାଇଛି।

# ବେଦାନ୍ତ ଲିମିଟେଡ୍‌ର ଲାଭରେ ୬୦% ବୃଦ୍ଧି

ମୁମ୍ବାଇ,୨୯।୧: ବେଦାନ୍ତ ଲିମିଟେଡ ଡିସେମ୍ବର ୩୧ରେ ଶେଷ ହୋଇଥିବା ତୃତୀୟ ତ୍ରୈମାସିକ ଏବଂ ୯ ମାସ ପାଇଁ ଏହାର ଅନିରୀକ୍ଷିତ ସମନ୍ୱିତ ଫଳାଫଳ ଘୋଷଣା କରିଛି। ବେଦାନ୍ତ ୬୦% ବୃଦ୍ଧି ପାଇ ଟ.୭,୮୦୭ କୋଟିରେ ପହଞ୍ଚିବା ପରେ ଲାଭ ସହିତ ଅସାଧାରଣ ଆର୍ଥିକ ପ୍ରଦର୍ଶନ ପ୍ରଦାନ କରିଛି। କମ୍ପାନୀ ଟ.୧୫,୧୭୧ କୋଟିର ରେକର୍ଡ ତ୍ରୈମାସିକ ଋଇଓଞ୍ଚଡଇ ରିପୋର୍ଟ ପ୍ରକାଶ କରିଛି, ଯାହା ୬୨୯ ଭକ୍ଟ୍ରଗୁ ମାର୍ଜିନ୍ ବିସ୍ତାର ଦ୍ୱାରା ୩୪% ବୃଦ୍ଧି ପାଇଛି। କମ୍ପାନୀ ଟ.୪୫,୮୯୯ କୋଟିର ସର୍ବାଧିକ ତ୍ରୈମାସିକ ରାଜସ୍ୱ ମଧ୍ୟ ରେକର୍ଡ କରିଛି, ଯାହାକି ବାର୍ଷିକ ୧୯% ବୃଦ୍ଧି ପାଇଛି। ବେଦାନ୍ତର ନେଟ୍ ଋଣ ଏବଂ ଋଇଓଞ୍ଚଡଇ ଅନୁପାତ ୧.୪୦ ଗୁଣରୁ ୧.୨୩ ଗୁଣକୁ ବୃଦ୍ଧି ପାଇଛି, ପୁଞ୍ଜି ଉପରେ ଦୁଇ ଅଙ୍କ ବିଶିଷ୍ଟ ରିଟର୍ଣ୍ଣ ୨୭% ହୋଇଛି, ଯାହା ବାର୍ଷିକ ୨୯୬ ଭକ୍ଟ୍ରଗୁ ବୃଦ୍ଧି ପାଇଛି। ବେଦାନ୍ତ ଆର୍ଥିକବର୍ଷ ୨୬ ର ନଅ ମାସରେ ଅଭିବୃଦ୍ଧି ପୁଞ୍ଜି ଖର୍ଚ୍ଚରେ ପ୍ରାୟ ୧.୩ ବିଲିୟନ ଆମେରିକୀୟ ଡଲାର ନିବେଶ କରିଛି। କମ୍ପାନୀ ପ୍ରମୁଖ ବ୍ୟବସାୟଗୁଡ଼ିକରେ ରେକର୍ଡ ଉତ୍ପାଦନ ସହିତ ତ୍ରୈମାସିକ ସମୟରେ ଦୃଢ଼ କାର୍ଯ୍ୟକ୍ଷମ ପ୍ରଦର୍ଶନ ପ୍ରଦାନ କରିଛି। ଆଲୁମିନିୟମ ଏହାର ସର୍ବୋଚ୍ଚ ତ୍ରୈମାସିକ ଉତ୍ପାଦନ ୬୨୦ କେଟି ରେକର୍ଡ କରିଛି, ଯାହା ବାର୍ଷିକ ୧% ବୃଦ୍ଧି ପାଇଛି, ଯେତେବେଳେ ଆଲୁମିନା ଉତ୍ପାଦନ ବାର୍ଷିକ ୫୭% ବୃଦ୍ଧି ପାଇଛି, ଯାହା ଉନ୍ନତ କାର୍ଯ୍ୟକ୍ଷମ ଦକ୍ଷତା ଏବଂ ବୃଦ୍ଧି ପଦକ୍ଷେପକୁ ପ୍ରତିଫଳିତ କରୁଛି।

# ରଣବୀର କପୁର ପିଏନଜି ଜୁଏଲର୍ସର ନୂଆ ବ୍ରାଣ୍ଡ ଆମ୍ବାସାଡର

ଭୁବନେଶ୍ୱର,୨୯।୧(ସମିସ): ଭାରତର ଅନ୍ୟତମ ପ୍ରତିଷ୍ଠିତ ଜୁଏଲରୀ ବ୍ରାଣ୍ଡ ପିଏନଜି ଜୁଏଲର୍ସ ବଲିଉଡ ଅଭିନେତା ରଣବୀର କପୁରଙ୍କୁ ଏହାର ନୂଆ ବ୍ରାଣ୍ଡ ଆମ୍ବାସାଡର ଘୋଷଣା କରିଛି। ମହାରାଷ୍ଟ୍ରରେ ସ୍ଥାପିତ ଏବଂ ବର୍ତମାନ ଭାରତ ଓ ବିଦେଶରେ ଆତ୍ମବିଶ୍ୱାସର ସହ ସମ୍ପ୍ରସାରିତ ହୋଇଥିବା ପିଏନଜି ଜୁଏଲର୍ସ ଏକ ସ୍ୱଷ୍ଟ ଓ ଅଗ୍ରଗାମୀ ଦୃଷ୍ଟିକୋଣ ସହ ଡଃ ସୌରଭ ଗଡଗିଲଙ୍କ ଦ୍ୱାରା ପରିଚାଳିତ ହେଉଛି। ରଣବୀର କପୁରଙ୍କ ସହ ଏହି ସହଭାଗିତା ବ୍ରାଣ୍ଡର ବିବର୍ତ୍ତନକୁ ପ୍ରତିଫଳନ କରୁଛି। ରଣବୀର କପୁର ବର୍ତମାନର ବ୍ରାଣ୍ଡ ଫେସ୍ ବ୍ୟତୀତ ପିଏନଜି ଜୁଏଲର୍ସର ଜଣେ ଆମ୍ବାସାଡର ଭାବେ ଯୋଗ ଦେବା ସହିତ ଏହି ୨ ବର୍ଷିଆ ସହଭାଗିତା ଜାନୁଆରୀ ୨୦୨୬ରୁ ଆରମ୍ଭ ହେଉଛି। ଏହି ସହଭାଗିତା ସମ୍ପର୍କରେ ଅଭିନେତା ରଣବୀର କପୁର କହିଛନ୍ତି, ପିଏନଜି ଜୁଏଲର୍ସ ଏଭଳି ଏକ ବିରାସତ ପାଇଁ ଛିଡା ହୋଇଛି ଯାହା ପିଢି ପରେ ପିଢି ଚାଲିଆସୁଛି।

# ବିମାନ ଦୁର୍ଘଟଣାରେ ଆହତ ଦମ୍ପତିଙ୍କୁ ନୂଆ ଜୀବନ ଦେଲା ଫୋର୍ଟିସ୍ ହସ୍ପିଟାଲ୍ ମୁଲୁଣ୍ଡ

ଭୁବନେଶ୍ୱର,୨୯।୧(ସମିସ): ମୁମ୍ବାଇର ଫୋର୍ଟିସ୍ ହସ୍ପିଟାଲ୍ ମୁଲୁଣ୍ଡରେ ରାଉରକେଲା ବିମାନ ଦୁର୍ଘଟଣାର ଗୁରୁତର ଆହତ ହୋଇଥିବା ଦମ୍ପତି ସୁନୀଲ ଅଗ୍ରୱାଲ ଏବଂ ସବିତା ଅଗ୍ରୱାଲଙ୍କର ସଫଳତାର ସହ ଚିକିତ୍ସା କରାଯାଇଛି। ସମୟୋଚିତ, ସମନ୍ୱିତ ଚିକିତ୍ସା ଦ୍ୱାରା ଏହା ସମ୍ଭବ ହୋଇପାରିଛି। ରାଉରକେଲାର ଡାକ୍ତରୀ ଦଳ ମୁମ୍ବାଇର ଫୋର୍ଟିସ୍ ହସ୍ପିଟାଲ୍ ମୁଲୁଣ୍ଡର ବରିଷ୍ଠ ପରାମର୍ଶଦାତା - ଅର୍ଥୋପେଡିକ୍ସ ଏବଂ ଜଏଣ୍ଟ ରିପ୍ଲେସମେଣ୍ଟ ସର୍ଜରୀ ଡାକ୍ତର ସଚିନ ଭୋନ୍ସଲେଙ୍କ ସହ ପରାମର୍ଶ କରିଥିଲେ। ସେମାନଙ୍କ ସ୍କାନ ଏବଂ କ୍ଲିନିକାଲ୍ ସ୍ଥିତିର ସତର୍କତାର ସହିତ ବିଶ୍ଳେଷଣ କରିବା ପରେ,



ରୋଗୀମାନଙ୍କୁ ମୁମ୍ବାଇ ସ୍ଥାନାନ୍ତର କରିବା ପୂର୍ବରୁ ସ୍ଥାନୀୟ ଭାବରେ ସ୍ଥିର କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଡକ୍ଟର ସଚିନ୍ ଭୋନ୍ସଲେଙ୍କ ନେତୃତ୍ୱରେ ଟ୍ରମା ଦଳ ଦ୍ୱାରା ଦମ୍ପତିଙ୍କର ନିରିକ୍ଷଣ କରାଯାଇଥିଲା। ସବିତାଙ୍କ ଡାହାଣ ଫିମର ଫ୍ରାକ୍ଚର ଏବଂ ତାଙ୍କ ସହ ଜଡିତ ପେଲଭିକ୍ ଏବଂ ମେରୁଦଣ୍ଡ ଆଘାତ ପାଇଁ ତୁରନ୍ତ ଅସ୍ତ୍ରୋପଚାରର ଆବଶ୍ୟକତା ଥିବା ବେଳେ, ତାଙ୍କ ସ୍ୱାମୀ ସୁନୀଲଙ୍କୁ ଡାହାଣ ଆଣ୍ଠୁର ତୁରନ୍ତ ପୁନଃନିର୍ମାଣର ଆବଶ୍ୟକତା ଥିଲା। ଏହି ସମନ୍ୱିତ ପରିଚାଳନା ରଣନୀତିରେ ସ୍ପାଇନ୍ କେୟାର ମଧ୍ୟ ସାମିଲ ଥିଲା, ଯେଉଁଠାରେ ଡାକ୍ତର ବିକାଶ ଗୁପ୍ତେ, ବରିଷ୍ଠ ପରାମର୍ଶଦାତା - ସ୍ପାଇନ୍ ସର୍ଜରୀ, ମେରୁଦଣ୍ଡ ସମ୍ବନ୍ଧୀୟ ଆଘାତକୁ ସମାଧାନ କରିଥିଲେ; ରୋଗୀଙ୍କ ଆରୋଗ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣ ପ୍ରମାଣିତ ହୋଇଥିଲା। ସେମାନଙ୍କ ସୁସ୍ଥତା ସଂରଚିତ ଯନ୍ତ୍ରଣା ପରିଚାଳନା, ସଘନ ଫିଜିଓଥେରାପି, ବିଶେଷଜ୍ଞ ନର୍ସିଂ କେୟାର ଏବଂ ଆଘାତ ଚିକିତ୍ସା ଦ୍ୱାରା ସମର୍ଥ୍ଣ ହୋଇଥିଲା।

# ଏଆଇ ସିଇଓ-ପ୍ରଧାନମନ୍ତ୍ରୀ ବୈଠକ

ନୂଆଦିଲ୍ଲୀ,୨୯।୧(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଲୋକ କଲ୍ୟାଣ ମାର୍ଗ ସ୍ଥିତ ତାଙ୍କ ବାସଭବନରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) କ୍ଷେତ୍ରରେ କାର୍ଯ୍ୟ କରୁଥିବା ସିଇଓ ଏବଂ ବିଶେଷଜ୍ଞମାନଙ୍କ ସହିତ ଆଲୋଚନା କରିଛନ୍ତି। ଆଲୋଚନା ସମୟରେ ସିଇଓମାନେ ଏଆଇ ପ୍ରଯୁକ୍ତିବିଦ୍ୟାରେ ଆତ୍ମନିର୍ଭରଶୀଳ ହେବା ଲକ୍ଷ୍ୟ ପ୍ରତି ଦୃଢ଼ ସମର୍ଥନ ପ୍ରକାଶ କରିଥିଲେ। ଏହି ବୈଠକରେ ୱିପ୍ରୋ, ଟିସିଏସ୍, ଏଚ୍‌ସିଏଲ୍ ଟେକ୍, ଜୋହୋ କର୍ପୋରେସନ୍, ଏଲ୍‌ଟିଆଇ ମାଇଣ୍ଡଟ୍ରି, ଜିଓ ପ୍ଲାଟ୍‌ଫର୍ମ ଲିମିଟେଡ୍, ଅଦାନିକନେକ୍ସ, ନକ୍ସଟ୍ରା ଡାଟା ଏବଂ ନେଟ୍‌ୱେବ ଟେକ୍ନୋଲୋଜି ସମେତ ଏଆଇଆଇଟି ହାଇଦ୍ରାବାଦ, ଆଇଆଇଟି ମାଡ୍ରାସ ଏବଂ ଆଇଆଇଟି ବମ୍ବେର ବିଶେଷଜ୍ଞମାନଙ୍କ ସହିତ ଏଆଇଆଇଟିରେ କାର୍ଯ୍ୟ କରୁଥିବା କମ୍ପାନୀଗୁଡିକର ସିଇଓମାନେ ଅଂଶଗ୍ରହଣ କରିଥିଲେ। କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ରାଷ୍ଟ୍ରମନ୍ତ୍ରୀ ଜିତିନ ପ୍ରସାଦ ମଧ୍ୟ ଏହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ସର୍ଭେ ଭାରତର 'ସଂସ୍କାର ଏକ୍ସପ୍ରେସ'ର ଏକ ବିସ୍ତୃତ ଚିତ୍ର: ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୨୯।୧ (ଏଜେନ୍ସି): ଆଜି ସଂସଦରେ ଉପସ୍ଥାପିତ ଅର୍ଥନୈତିକ ସର୍ଭେକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 'ଭାରତ ସଂସ୍କାର ଏକ୍ସପ୍ରେସର ଏକ ବିସ୍ତୃତ ଚିତ୍ର' ବୋଲି ଅଭିହିତ କରିଛନ୍ତି। ଏହା ଏକ ଆହ୍ୱାନପୂର୍ଣ୍ଣ ବୈଶ୍ୱିକ ପରିବେଶରେ ସ୍ଥିର ପ୍ରଗତିକୁ ପ୍ରତିଫଳିତ କରୁଛି। ଅର୍ଥନୈତିକ ସର୍ଭେରେ ସୁଦୃଢ଼ ବୃହତ ଅର୍ଥନୈତିକ ମୌଳିକତା, ନିରନ୍ତର ଅଭିବୃଦ୍ଧି ଗତି ଏବଂ ରାଷ୍ଟ୍ର ନିର୍ମାଣରେ ନବସୃଜନ, ଉଦ୍ୟମିତା ଏବଂ ଭିତ୍ତିଭୂମିର ସମ୍ପ୍ରସାରିତ ଭୂମିକା ଉପରେ ଆଲୋକପାତ କରାଯାଇଛି। ସର୍ଭେ କୃଷକ, ଏମ୍‌ଏସ୍‌ଏମ୍‌ଇ, ଯୁବ ନିଯୁକ୍ତି ଏବଂ ସାମାଜିକ କଲ୍ୟାଣ ଉପରେ ଧ୍ୟାନ କେନ୍ଦ୍ରିତ କରି ସମାବେଶୀ ବିକାଶର ଗୁରୁତ୍ୱକୁ ରେଖାଙ୍କିତ କରିଛି। ଏହା ଉତ୍ପାଦନକୁ ସୁଦୃଢ଼ କରିବା, ଉତ୍ପାଦକତା ବୃଦ୍ଧି କରିବା ଏବଂ ଏକ ବିକଶିତ ଭାରତ ହେବା ଦିଗରେ ଆମର ଯାତ୍ରାକୁ ତ୍ୱରାନ୍ୱିତ କରିବା ପାଇଁ ରୋଡମ୍ୟାପକୁ ମଧ୍ୟ ରେଖାଙ୍କିତ କରୁଥିବା ପ୍ରଧାନମନ୍ତ୍ରୀ କହିଛନ୍ତି।

# ଭାରତୀୟଙ୍କ ପାଇଁ ସାଇବର୍ ବୀମା ଆବଶ୍ୟକ

ନୂଆଦିଲ୍ଲୀ,୨୯।୧: ଦୈନନ୍ଦିନ ଜୀବନର ଅଧିକାଂଶ କାର୍ଯ୍ୟକଳାପ ଅନଲାଇନ୍ ହେଉଥିବା ସହିତ ସାଇବର୍ ଅପରାଧ ଦ୍ରୁତ ଗତିରେ ବୃଦ୍ଧି ପାଉଛି ଏବଂ ଆହୁରି ଜଟିଳ ହେଉଛି। ଅପରାଧିମାନେ ସୋସିଆଲ୍ ଇଞ୍ଜିନିୟରିଂ, ତଥ୍ୟର ଅପବ୍ୟବହାର ଏବଂ ବ୍ୟକ୍ତିଗତ ଲକ୍ଷ୍ୟବନ୍ଧୀ କୌଶଳ ମାଧ୍ୟମରେ ଲୋକମାନଙ୍କୁ ଠକୁଛନ୍ତି। ଭାରତର ଡିଜିଟାଲ୍ ପରିବେଶ ଦ୍ରୁତ ଗତିରେ ବିସ୍ତାର ହେଉଛି, ଯାହାର ପ୍ରମୁଖ କାରଣ ହେଉଛି ବ୍ୟାପକ ସ୍ମାର୍ଟଫୋନ୍ ବ୍ୟବହାର ଏବଂ ଡିଜିଟାଲ୍ ସେବାର ବୃଦ୍ଧିଶୀଳ ଗ୍ରହଣ। ନ୍ୟାସନାଲ ସାଇବର କ୍ରାଇମ୍ ରିପୋର୍ଟିଂ ପୋର୍ଟାଲ (ଏନସିଆରପି) ଏବଂ ସିଟିଜେନ୍ ଫାଇନାନ୍ସିଆଲ୍ ସାଇବର ଫ୍ରଡ୍ ରିପୋର୍ଟିଂ ଆଣ୍ଡ ମ୍ୟାନେଜମେଣ୍ଟ ସିଷ୍ଟମ୍ (ସିଏଫସିଏଫଆରଏମଏସ) ତଥ୍ୟ ଅନୁଯାୟୀ, ୨୦୨୩ରେ ଭାରତର ସାଇବର୍ ଠକେଇ କ୍ଷତି ୭,୪୬୫.୧୮ କୋଟି ଟଙ୍କା ଥିଲା, ଯାହା ୨୦୨୪ରେ ୨୨,୮୪୫.୭୩ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଏହା ଏକ ବର୍ଷରେ ୨୦୬ ପ୍ରତିଶତ ବୃଦ୍ଧିକୁ ଦର୍ଶାଏ ଏବଂ ସାଇବର୍ ଅପରାଧର ଦ୍ରୁତ ବୃଦ୍ଧିକୁ ସ୍ପଷ୍ଟ କରେ। ଏସ୍‌ବିଆଇ ଜେନେରାଲ ଇନସ୍ୟୁରାନ୍ସ ଡାଟା ସୁରକ୍ଷାର ଗୁରୁତ୍ୱକୁ ପାଥେୟ କରି ଡିଜିଟାଲ୍ ଉପଯୋଗ ମୂଳରେ ତଥ୍ୟ ସୁରକ୍ଷା ଥିବା ଆବଶ୍ୟକତା ଉପରେ ଜୋର ଦେଉଛି। ପ୍ରତ୍ୟେକ ସଚେତିତ ଭାରତୀୟଙ୍କୁ ସାଇବର୍ ବୀମା ଗ୍ରହଣ କରିବା ପାଇଁ ବିଚାର କରିବା ଆବଶ୍ୟକ। ଡିଜିଟାଲ୍ ନିର୍ଭରଶୀଳତା ବୃଦ୍ଧି ପାଇବା ସହିତ ସାଇବର୍ ବୀମା ଆର୍ଥିକ କଭର୍ ସହିତ ବ୍ୟାପକ ସହାୟତା ପ୍ରଦାନ କରି ବ୍ୟକ୍ତି ଓ ପରିବାରକୁ ଆତ୍ମବିଶ୍ୱାସର ସହିତ ମୁକାବିଲା କରିବାରେ ସାହାଯ୍ୟ କରୁଛି।

